

ନରେନ୍ଦ୍ର ମୋଦୀଙ୍କ ଗୁଜରାଟୀ କାବ୍ୟାଞ୍ଜଳି

# ଦେବୀ ମା'ଙ୍କୁ ଚିଠି

ଅନୁବାଦ: ପ୍ରଫେସର ଡକ୍ଟର ସୁବାଷ ନାୟକ

# ଦେବୀ ମା'ଙ୍କୁ ଚିଠି

## ନରେନ୍ଦ୍ର ମୋଦୀଙ୍କ କାବ୍ୟାଞ୍ଜଳି

●

ଓଡ଼ିଆ ଅନୁବାଦ
**ପ୍ରଫେସର ଡକ୍ଟର ସୁବାଷ ନାୟକ**

# ଦେବୀ ମା'ଙ୍କୁ ଚିଠି

ପ୍ରଫେସର୍ ଡକ୍ଟର ସୁବାଷ ନାୟକ

ମୂଳ ଗୁଜରାଟୀ: **ସାକ୍ଷୀ ଭବ**

**ନରେନ୍ଦ୍ର ମୋଦୀ**

ପ୍ରଥମ ପ୍ରକାଶ: ୨୦୨୪

ପ୍ରକାଶକ

**ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ, ଭୁବନେଶ୍ୱର, ଓଡ଼ିଶା**

Gujarati Original: **SAKHI BHAVA**

**Narendra Modi**

Odia Translation

**DEBI MAANKU CHITHHI**

**Prof. Dr. Subash Nayak**

Published by
Anubad Sahitya Parisad Trust
Bhubaneswar-751006
M: +91-7657070979 | 9348233964
anubadparisad@gmail.com
www.anubadsahityaparisad.org

1st Publication-2024

Cover Design: **SrujanManash**

ISBN: 978-93-92408-54-0

# ନରେନ୍ଦ୍ର ମୋଦୀ

ମୂଳ ଗୁଜରାଟୀ

**ସାକ୍ଷୀ ଭବ**

●

ଇଂରାଜୀ ଅନୁବାଦ

**ଲେଟର ଟୁ ମଦର**

**ଭାବନା ସୋମାୟା**

●

ଓଡ଼ିଆ ଅନୁବାଦ

**ଦେବୀ ମା'ଙ୍କୁ ଚିଠି**

ପ୍ରଫେସର ଡକ୍ଟର ସୁବାଷ ନାୟକ



# ଉତ୍ସର୍ଗ

ନରେନ୍ଦ୍ର ମୋଦୀଙ୍କ ପୂଜନୀୟା
ମା' ହୀରାବେନ୍

ଜନନୀ ଜନ୍ମଭୂମିଶ୍ଚଃ ସ୍ୱର୍ଗାଦପି ଗରିୟସୀ

ଜନ୍ମଦାତ୍ରୀ ମା' ସ୍ୱର୍ଗଠାରୁ ମଧ୍ୟ ବଡ଼, ଏଥିରୁ ବା ହୀରାବେନ୍ ମୋଦୀ ବାଦ୍ ପଡ଼ିଥାନ୍ତେ କିପରି ?
ଭାରତୀୟ ସାହିତ୍ୟ ଓ ଭାରତୀୟ ରାଜନୀତି କାହିଁକି ବିଶ୍ୱ ସାହିତ୍ୟ ଓ ବିଶ୍ୱ ରାଜନୀତିର ଜଣେ ସଫଳ ମଣିଷ ନରେନ୍ଦ୍ର ମୋଦୀ । ଭାରତୀୟ ଜନଗଣଙ୍କ ଲୋକପ୍ରିୟ ପ୍ରଧାନମନ୍ତ୍ରୀ - ରାଷ୍ଟ୍ରପୁତ୍ର ନରେନ୍ଦ୍ର ମୋଦୀଙ୍କୁ ଦଶ ମାସ ଦଶ ଦିନ ଗର୍ଭରେ ଧରି ଜନ୍ମ ଦେଇଥିବା ମା' ହିରାବେନ୍ ଦେବୀଙ୍କୁ ମୋର ଏହି ମାନସମନ୍ଥନ ସାରସ୍ୱତସମ୍ଭାର "ଦେବୀ ମା'ଙ୍କୁ ଚିଠି" - ନରେନ୍ଦ୍ର ମୋଦୀଙ୍କ କାବ୍ୟାଞ୍ଜଳି - (ଓଡିଆ ଅନୁବାଦ) କୁ ଉତ୍ସର୍ଗ କରୁଅଛି ।

**ଗୁଣମୁଗ୍ଧ ସାହିତ୍ୟସେବକ**
**(ପ୍ରଫେସର ଡକ୍ଟର ସୁବାଷ ନାୟକ)**

# ପ୍ରେରଣାଦାୟିନୀଙ୍କୁ କୃତଜ୍ଞତା

ଭାରତୀୟ ସାହିତ୍ୟ ଓ ଭାରତୀୟ ରାଜନୀତି କାହିଁକି ବିଶ୍ୱ ସାହିତ୍ୟ ଓ ବିଶ୍ୱ ରାଜନୀତି ର ଜଣେ ସଫଳ ମଣିଷ – ନରେନ୍ଦ୍ର ମୋଦୀ । ଗୁଜୁରାଟୀ ସାହିତ୍ୟ ର ସାହିତ୍ୟିକ, ତାଙ୍କ ସୃଜନୀ ରେ ଗୁଜୁରାଟୀ ଓ ଭାରତୀୟ ସାହିତ୍ୟ ପରିବ୍ୟାପ୍ତ । ତାଙ୍କ କବିତା, ଗଳ୍ପ, ସଂକଳନ ପ୍ରଭୃତି ଭାରତୀୟ ସାହିତ୍ୟ ର ଅମ୍ଳାନ କୃତି । ଭାରତର ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦୀ ବିଶ୍ୱର ସବୁଠାରୁ ଜନପ୍ରିୟ ନେତା ।

ମୁଁ ନିଜକୁ ଧନ୍ୟମନେ କରୁଅଛି, ଓଡିଆ ସାହିତ୍ୟ ର ଜଣେ ସାଧାରଣ ସାହିତ୍ୟିକ ଭାବରେ ମୋର ଉଚ୍ଚତର ଗବେଷଣା – ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) – "ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦୀଙ୍କ କାବ୍ୟଜଗତ – ଏକ ଅଧ୍ୟୟନ" ପ୍ରସଙ୍ଗରେ ମୋ ପୂର୍ବ ଅନୁବାଦିତ – "ଏକ ଯାତ୍ରା" – ନରେନ୍ଦ୍ର ମୋଦୀଙ୍କ କାବ୍ୟମାନସ ଓ ବର୍ତ୍ତମାନ ଏ ଅନୁବାଦ ପୁସ୍ତକ – "ଦେବୀ ମା'ଙ୍କୁ ଚିଠି" – ନରେନ୍ଦ୍ର ମୋଦୀଙ୍କ କାବ୍ୟାଞ୍ଜଳି – ଓଡିଆ ସାହିତ୍ୟ ର ବିକାଶର ଏକ ଧାରା ।

'ଏ ଜର୍ଣ୍ଣି' – ନରେନ୍ଦ୍ର ମୋଦୀଙ୍କ କାବ୍ୟ ପୁସ୍ତକ କୁ ମୋର ଅନୁରୋଧ କ୍ରମେ ୮ ଜଣ ଭାରତୀୟ ଓ ୪ ଜଣ ବିଦେଶ କବି ଓ କବୟତ୍ରୀ ଙ୍କ ଦ୍ୱାରା ଅନୁବାଦିତ ହୋଇ ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ ରେ ପ୍ରତିଫଳିତ ହୋଇଅଛି, ଯାହାକି ମୋର website – www.professorsubashnayak.comରେ ଉପଲବ୍ଧ 'ଏ ଜର୍ଣ୍ଣି' – ପୁସ୍ତକ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ ପୁରସ୍କାର – ନୋବେଲ୍ ସାହିତ୍ୟ ସମ୍ମାନ – ୨୦୨୧, ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ ପାଇଁ ମୁଁ ମନୋନୀତ କରି ନିଜକୁ ଗର୍ବିତ ଅନୁଭବ କରୁଅଛି ।

ଭାରତୀୟ ସିନେମା ଜଗତର କିମ୍ବଦନ୍ତୀ ସଂଳାପକାର ପଦ୍ମଶ୍ରୀ ଭାବନା ସୋମାୟାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଅନୁବାଦିତ ପୁସ୍ତକ 'ଲେଟର ଟୁ ମଦର' – ମୂଳଭାଷା ଗୁଜରାଟୀ 'ସାକ୍ଷୀ ଭବ' – ନରେନ୍ଦ୍ର ମୋଦୀଙ୍କ ପୁସ୍ତକରୁ ଅନୁବାଦ କରି ବିଶ୍ୱ ସାହିତ୍ୟ ରେ ଆଜି ପ୍ରତିଫଳିତ । ତାଙ୍କ ଏହି ପୁସ୍ତକଟି ମୋତେ ପ୍ରେରଣା ଦେଇଥିଲା, ମୋ ଓଡିଆ ଶାସ୍ତ୍ରୀୟ ଭାଷାରେ ଅନୁବାଦ କରିବା ଦିଗରେ । ସେଥିପାଇଁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରେରଣାଦାୟିନୀ ପଦ୍ମଶ୍ରୀ ଭାବନା ସୋମାୟା ଙ୍କୁ କୃତଜ୍ଞତା ଜଣାଉଛି ।

**ଗୁଣମୁଗ୍ଧ ସାହିତ୍ୟସେବକ**
**(ପ୍ରଫେସର ଡକ୍ଟର ସୁବାଷ ନାୟକ)**

# ନରେନ୍ଦ୍ର ମୋଦୀଙ୍କ କଲମରୁ

ଏହା ଏକ ସାହିତ୍ୟିକ ଲେଖାର ପ୍ରୟାସ ନୁହେଁ, ଏହି ପୁସ୍ତକରେ ଦିଆଯାଇଥିବା ଅଂଶ, ମୋ ଅବଲୋକନ ଏବଂ ବେଳେବେଳେ ଅପରିବର୍ତ୍ତିତ ବିଚାର ର ପ୍ରତିବିମ୍ବ, ଯାହା ବିନା କୌଣସି ପରିବର୍ତ୍ତନରେ ବ୍ୟକ୍ତ କରାଯାଇଛି । ଏକ ସାର୍ବଜନୀନ ବ୍ୟକ୍ତିଙ୍କୁ ସବୁବେଳେ ତା'ର ସ୍ଥିତିରୁ ବିଚାର କରାଯାଏ, ସେ କ'ଣ କହନ୍ତି ବା କ'ଣ କରନ୍ତି, ତାକୁ ଭୃକ୍ଷେପ ନ କରି ତାଙ୍କର ବ୍ୟକ୍ତିତ୍ୱ ଏତେ ଅତିରଞ୍ଜିତ ହୋଇଯାଏ ଯେ ଛବି ପଛରେ ଥିବା ମନୁଷ୍ୟକୁ ଜାଣିବା କଷ୍ଟକର ହୋଇଯାଏ କିମ୍ବା ଏମିତିରେ କହିବାକୁ ଗଲେ, ଏମିତି ସମୟ ଆସିଥାଏ, ଯେତେବେଳେ କି ମୁଖା ପଛରେ ଥିବା ବ୍ୟକ୍ତିକୁ ଖୋଜିବାର କୌଣସି ଇଚ୍ଛା ହୁଏନାହିଁ । ଏକ ସାଧାରଣ ଜୀବନ ବଚିଂବା ଏକ ସୌଭାଗ୍ୟ ଏବଂ ବହୁତ ଗଭୀର । ଆମେ ସମସ୍ତେ ବ୍ରହ୍ମାଣ୍ଡ ଦ୍ୱାରା ଦିଆଯାଉଥିବା ସକାରାତ୍ମକ ଏବଂ ନକାରାତ୍ମକ ବର୍ଷଣର ପ୍ରଭାବିତ କେବଳ ସାଧାରଣ ନଶ୍ୱରା ଆମ ଭିତରୁ ଯେକୌଣସି ବ୍ୟକ୍ତି ପାପ, ପୁଣ୍ୟ, ଆଶା, ନିରାଶା, ପ୍ରେମ, ଯନ୍ତ୍ରଣା, ପ୍ରତ୍ୟାଶା ବା ମହତ୍ୱାକାଂକ୍ଷାର ଉପରେ ନୁହେଁ ।

ଆପଣଙ୍କ ପରି ମୁଁ କିଛି ଶକ୍ତି ଆଉ କିଛି ଦୁର୍ବଳତାର ସହିତ ଏକ ସାଧାରଣ ମରଣଶୀଳ ଆତ୍ମା ଏବଂ ସମସ୍ତଙ୍କ ପରି ମୁଁ ଲଗାତର ଅଧିକ ଜାଗ୍ରତ ଏବଂ ବିକଶିତ ହେବାକୁ ସଂଘର୍ଷ କରୁଛି । କିଛି ବର୍ଷ ପୂର୍ବରୁ ଯେତେବେଳେ ଚାପ ଅଲଙ୍ଘ୍ୟ ହୋଇଗଲା, ଯେତେବେଳେ ମୋତେ ମାତୃଦେବୀଙ୍କୁ ପତ୍ର ଲେଖିବାର ଅଭ୍ୟାସ ହୋଇଗଲା, ଯାହାକୁ ମୁଁ ଜଗତ ଜନନୀ ରୂପେ ସମ୍ବୋଧନ କରେ, ମୁଁ ଶୋଇବାକୁ ଯିବା ପୂର୍ବରୁ ସବୁ ରାତିରେ ମୋର ଅନ୍ତରର ବିଚାରକୁ ତାଙ୍କ ସହିତ ପରିପ୍ରକାଶ କଲି ଏବଂ ଏହି ଅଭ୍ୟାସ ମୋ ଉପରେ ଏକ ଅଦ୍‌ଭୁତ ଶାନ୍ତ ପ୍ରଭାବ ପକାଇଲା । ମୁଁ ସମସ୍ତଙ୍କ ଶୋଇଯିବାକୁ ଅପେକ୍ଷା କରୁଥିଲି, ଯାହାଫଳରେ ମୁଁ ଏକ ଶାନ୍ତକୋଣରେ ଏକ ଖାତା ସହିତ ମୋ ଭାବକୁ ପରିପ୍ରକାଶ କରିପାରିବି ।

କୌଣସି ଇରାଦା ନଥିଲା ଛାପି ପ୍ରକାଶନ କରିବାପାଇଁ, ଲେଖାଗୁଡିକ ସବୁ ନିଜପାଇଁ ଥିଲା, ମୁଁ ଏକ ଲେଖକ ନୁହେଁ, ଆମ ଭିତରୁ ଅଧିକାଂଶ ନୁହଁନ୍ତି, କିନ୍ତୁ ସମସ୍ତେ ଅଭିବ୍ୟକ୍ତିର ଅନ୍ୱେଷଣରେ ଥାଆନ୍ତି ଏବଂ ଯେତେବେଳେ ଅଭିବ୍ୟକ୍ତି କରିବାର ଆଗ୍ରହ ପ୍ରବଳ ହୋଇଯାଏ, ସେତେବେଳେ କାଗଜ ଉପରେ କଲମ ଚଳାଇବା ଛଡା ଆଉକିଛି ବିକଳ୍ପ ନଥାଏ, ଜରୁରୀ ନୁହେଁ କିଛି ଲେଖିବାର କିନ୍ତୁ ହୃଦୟ ଓ ମନ ଭିତରେ କ'ଣ ହେଉଛି ଏବଂ କାହିଁକି ହେଉଛି ସେ ସବୁର ଆତ୍ମନିରୀକ୍ଷଣ କରିବାର । ଏହି ଅଭ୍ୟାସ ଭାବ ପ୍ରବଣତାର ମୋଚକ ସାବ୍ୟସ୍ତ ହେଲା ଏବଂ ଯଦିଓ ଏହା ଦେବୀ ମା'ଙ୍କ ସହିତ ଏକ ପ୍ରକାର ବାର୍ତାଳାପର ମାଧ୍ୟମ ଥିଲା, ମୋର ଦୈନିକ ବିଚାରକୁ ପୁଣିଥରେ ଲେଖିବାର ଅନୁଶାସନ ଦ୍ୱାରା ମୋତେ ଏକ ଅଦ୍ଭୁତ ନିଆରା ରୂପ ରେ ଆରୋଗ୍ୟ ଲାଭ ମିଳିଲା, ଯେମିତି ମୋତେ ଏକ ବଡ ଶକ୍ତି ଦ୍ୱାରା ରକ୍ଷା କବଚ ମିଳୁଥିଲା ।

ମୁଁ ପ୍ରତ୍ୟେକ ରାତିରେ ବର୍ଷବର୍ଷ ଧରି ଲେଖୁଥିଲି ଓ ପ୍ରତି କିଛି ମାସରେ ମୁଁ ସମସ୍ତ ପୃଷ୍ଠାକୁ ବ୍ୟବସ୍ଥିତ ରୂପରେ ଚିରି ଦେଉଥିଲି ଏବଂ ସେ ସବୁକୁ ଜଳୁଥିବା ନିଆଁରେ ଫିଙ୍ଗି ଦେଉଥିଲି । ମୁଁ ନିଆଁରେ ଭସ୍ମକରି ଦେଉଥିବା ସେ ପୃଷ୍ଠାର ସଂଖ୍ୟା କେତେ କହିପାରିବିନି । ଦିନେ ଯେତେବେଳେ ମୁଁ ଅଗ୍ନିଶିଖା ପ୍ରଜ୍ୱଳିତ କରିବାକୁ ଯାଉଥିଲି, ମୋର ପ୍ରିୟବନ୍ଧୁ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍.ଏସ୍.ଏସ୍.) ସହକର୍ମୀ ସମ୍ମାନୀୟ ନରେନ୍ଦ୍ର ଭାଇ ପଚଂସରା ହଠାତ୍ ଆସି ମୋର ଘରେ ପହଚିଂଗଲେ । ତାଙ୍କୁ ବଗିଚାକୁ ନିଆଗଲା, ଯେଉଁଠାରେ ମୁଁ କାଗଜ ଚିରିବାରେ ବ୍ୟସ୍ତଥିଲି, ନରେନ୍ଦ୍ର ଭାଇ ମୋ ହାତରୁ ବଳିଥିବା ପୃଷ୍ଠାସବୁ ଛଡେଇନେଲେ । ସେ ରାଗିଗଲେ ଏବଂ ମୁଁ ଏହିସବୁ ମୂଲ୍ୟବାନ ଲେଖାଗୁଡିକୁ ନଷ୍ଟ କରିଥିବାରୁ ଗାଳିକଲେ ଏବଂ ଦସ୍ତାବିଜ୍ ଲେଖନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କଲେ । ସେ କହିଲେ ଯେ ଆପଣ ଏସବୁ ଲେଖାକୁ ସାଇତିକି ରଖିବା ପ୍ରମାଣ କରୁଛି ଯେ ଏସବୁ ଆପଣଙ୍କ ପାଇଁ ଅମୂଲ୍ୟ କିନ୍ତୁ ଏସବୁକୁ ଏମିତି ନଷ୍ଟ କରିଦେବା ଆପଣଙ୍କ ଅନ୍ତଃଜ୍ଞାନକୁ ଅସମ୍ମାନ ।

ତାଙ୍କର ଶ୍ରଦ୍ଧାରେ ମୁଁ ପ୍ରଭାବିତ ହେଲି ଏବଂ ମୁଁ ତାଙ୍କ ନିକଟରେ ପ୍ରତିଜ୍ଞାକଲି ଯେ ମୁଁ ମୋର ଅନ୍ତଃଜ୍ଞାନକୁ ସମ୍ମାନ ଦେବି ଏବଂ ମୋର ଏହି ତ୍ରୈମାସିକ ଲେଖାସବୁକୁ ଆଉ ଅଗ୍ନିକୁ ସମର୍ପଣ କରିବିନି, ବର୍ଷ ବିତିଗଲା, ଦିନେ ଜାଣିନାହିଁ କେମିତି ଓଙ୍କବଶର ଚଙ୍କଭକ୍ଷସଷ୍ପକ୍ଷରକ୍ଷ୍ୱ ମୋର ଏହି ଲେଖାଗୁଡିକ ବିଷୟରେ ଖବର ପାଇଗଲା ଏବଂ ଏକ ପତ୍ର ମାଧ୍ୟମରେ ଏଇ ଲେଖାଗୁଡିକୁ ଏକ ପୁସ୍ତକ ରୂପେ ଛାପିବାପାଇଁ ମୋର ଅନୁମତି ଲୋଡିଲେ, ମୁଁ ମନା କରିଦେଲି କିନ୍ତୁ ପୁଣିଥରେ ପଚଂସରା ଭାଇ ଯୋରଦେଇ କହିଲେ କି ମୁଁ ଏହି ପ୍ରସ୍ତାବରେ ମୋର ସହମତି ଦିଏ ବୋଲି, ବୋଧେ ଏଥିପାଇଁ ଯେ ତାଙ୍କ ମନରେ ଭୟଥିଲା, ଯେ ଯଦି ଏସବୁ ପ୍ରକାଶିତ ନହୁଏ, ତା'ହେଲେ ମୁଁ ପୁଣିଥରେ ଏ ପୃଷ୍ଠାସବୁକୁ ନଷ୍ଟ କରିବାର ପ୍ରୟାସ କରିପାରେ, ସେ ଡଏରୀରେ ଥିବା ଅବଶିଷ୍ଟ ପୃଷ୍ଠା "ସାକ୍ଷୀ ଭବ" ସହଯୋଗରେ ୨୦୧୪ ରେ ପ୍ରକାଶିତ ହେଲା

ମୁଁ ଏସବୁ ପତ୍ର ଆଉ ପୁସ୍ତକ କୁ ମୋର ସମ୍ମାନନୀୟ ମିତ୍ର ପଚଂସରା ଭାଇଙ୍କୁ ଉତ୍ସର୍ଗ କରିଛି । ଯଦି ସେ ସେଦିନ ମୋ ପାଖକୁ ଆସିନଥାନ୍ତେ, ହସ୍ତକ୍ଷେପ କରିନଥାନ୍ତେ, ଗାଳି କରିନଥାନ୍ତେ ଏବଂ ମୋତେ ଜାଗ୍ରତ କରିନଥାନ୍ତେ, ତା'ହେଲେ ମୋର ଅନ୍ତରଙ୍ଗ ବାର୍ତାଳାପ ଜଗତ ଜନନୀଙ୍କ ସହିତ ସେୟାର କରିବାର ସୌଭାଗ୍ୟ ଦୂରେଇ ବସିଥାନ୍ତି । ଯେଉଁଥିରେ ମୁଁ ମୋର ମନର ଭୟ, ଦୁଃଖ ଏବଂ ଦ୍ୱନ୍ଦ ଏବଂ ଜଣେ ସାଧାରଣ ଲୋକର ସାଧାରଣ ଭାବନା ସବୁକୁ ପ୍ରକାଶ କରିଅଛି । ମୁଁ ଅବଗତ ଅଛି ଯେ ମୋର ଅଭିବ୍ୟକ୍ତିଗୁଡିକ ଅନେକ ସମୟରେ ଭୌତିକ ସତାହୀନ, ବୋଧେ ଯେତେବେଳେ ହୃଦୟ ଆଚମ୍ୱିତ ହୋଇଯାଏ, ମନ କାଗଜ ଉପରେ ଚାଲୁଥିବା ହାତ ଅପେକ୍ଷା କ୍ଷିପ୍ର ଗତିରେ ଦୌଡୁଥାଏ ଏବଂ ମୋର ଅଭିବ୍ୟକ୍ତିଗୁଡିକ ବିକ୍ଷିପ୍ତ ଏବଂ ଏକା ସମୟରେ ପ୍ରକାଶ ହୋଇଛି, ମୁଁ ଜଣେ ପେଷାଦାର ଲେଖକ ନୁହେଁ, ମୁଁ ଲିଖନ ପ୍ରଣାଳୀ, ରୂପ, ଆକାର କିଛି ଜାଣିନାହିଁ, କିନ୍ତୁ ମୁଁ ମୋର ମନର ଭାବନାକୁ ବୁଝେ – ମୁଁ ଲେଖେ, କାରଣ ମୁଁ ଦୃଢ ଭାବରେ ଅନୁଭବ କରେ ଏବଂ ସେହି ସମୟରେ ନିଜକୁ

ସାମିଲ ନକରି ରହିପାରେନି ।

ମାତ୍ର ଦେବୀ ଏକଥା ବୁଝନ୍ତି, ମୁଁ ନିଶ୍ଚିତ ସେ ମୋତେ ଜଜ୍ କରନ୍ତିନି, ମୋ ନିଜ ପସନ୍ଦର ଶବ୍ଦ କିମ୍ବା ବାକ୍ୟାଂଶରୁ ମୋର ଲେଖିବାର ସ୍ତର ନିରୂପଣ କରନ୍ତିନି, ତାଙ୍କପାଇଁ ଏଇଟା କିଛି ମାନେ ରଖେନାହିଁ, ଯେ ମୁଁ କବିତା ଲେଖୁଛି, ନା ଗଦ୍ୟ ଲେଖୁଛି, ନା ପ୍ରବନ୍ଧ ଲେଖୁଛି, ନା ମୋ ମନକୁ ଯାହା ବିଚାର ଆସୁଛି – ମୁଁ ଲକ୍ଷ୍ୟହୀନ ଭାବରେ ଲେଖୁଛି । ସେ ମୋ ଭାବକୁ ବୁଝନ୍ତି, କ'ଣ ବ୍ୟକ୍ତ କରିଛି ବା କ'ଣ ବ୍ୟକ୍ତ କରିବାକୁ ବାକିଅଛି, ସେ ସବୁ ବୁଝିଥାନ୍ତି, ଯଦି ମୁଁ ସବୁ ବୁଝିଛି, ତା'ହେଲେ ମୁଁ ଯାହାସବୁ ଲେଖିଥିଲି ତାକୁ ନଷ୍ଟକଲି କ'ଣ ପାଇଁ ଏକମାତ୍ର ତାର୍କିକ ବାଖ୍ୟା ମୁଁ ରଖିପାରିବି ଯେ ବୋଧହୁଏ ଏଇଥିପାଇଁ ଯେ ଦୁଃଖକୁ ପୁଣିଥରେ ଦେଖିବାଟା ଯନ୍ତ୍ରଣାଦାୟକ

ସେ ଯାହା ବି ହେଉ ଆଜି ମୁଁ ସ୍ମୃତି ସବୁରୁ ଶକ୍ତି ଖୋଜୁଛି, ବିଶ୍ୱାସ ଅଛି ଯେ ଖୁସିର ମୁହୂର୍ତ୍ତ ବେଶୀ ସମୟ ରହିବ ଏବଂ ଦୁଃଖସବୁ ଦୂରେଇ ଯିବ ଯଦି ମନ ସକରାତ୍ମକ ତା'ହେଲେ ସବୁବେଳେ ଆଶା ଅଛି । ମୋର ପୁସ୍ତକ ବହୁତ ପସନ୍ଦ ଏବଂ ମୁଁ ବହୁତ ପଢାପ ଢି କରେ । ମୁଁ କଳା, ସଂସ୍କୃତିରେ ଆକର୍ଷିତ କିନ୍ତୁ ମୁଁ ନିଜକୁ ଜଣେ ସାହିତ୍ୟକାର ରୂପେ ଦେଖେନାହିଁ, ମୁଁ 'ସାକ୍ଷୀଭବ'ଙ୍କ ଗୁଜୁରାଟୀ ସଂସ୍କରଣ ପ୍ରକାଶ କରିବାକୁ ଅନିଚ୍ଛୁକ ଥିଲି କିନ୍ତୁ ନିବିଡ ବନ୍ଧୁମାନଙ୍କ ଦ୍ୱାରା ଏହାର ପରିପୁଷ୍ଟ ହୋଇଥିଲା ଏବଂ ୬ ବର୍ଷପରେ ଏହାର ଇଂରାଜୀ ଅନୁବାଦ ମୋପାଇଁ ସୁଖଦ ଆଶ୍ଚର୍ଯ୍ୟ ।

ଏଇଟା ପଢିବାରେ ଅଜବ ଲାଗେ ଯେ ତୁମେ ଅନେକ ବର୍ଷ ପୂର୍ବରୁ କ'ଣ ଲେଖିଥିଲ, କାରଣ ତୁମେ ବର୍ତମାନ ସେହି ସମାନ ବ୍ୟକ୍ତି ହୋଇ ଆଉ ନାହିଁ ଏବଂ ତୁମର ପରିସ୍ଥିତି ବି ଅଲଗା, ତା'ପରେ ବି ଏସବୁ ତୁମ ଜୀବନର ଏକ ଅଂଶ, ତୁମର ଯାତ୍ରା, ତୁମେ ତୁମ ଜୀବନରେ ଘଟିଯାଇଥିବା ଘଟଣା ସବୁକୁ ମୁହଁ ଫେରାଇ ପାରିବିନି, ମୁଁ ସେତେବେଳେ ତାହା ଲେଖିଥିଲି, ଯାହା ମୁଁ ସେତେବେଳେ ଅନୁଭବ କରିଥିଲି, ମୁଁ ଆଜି ତାହା ଲେଖୁଛି, ଯାହା ମୁଁ ଆଜି ଅନୁଭବ କରୁଛି । ଲୋକମାନେ ମୋତେ ସେତେବେଳେ ଜଜ୍ କରିଥିଲେ, ଆଜି ମୁଁ ମୋତେ ସେମାନେ ଜଜ୍ କରୁଛନ୍ତି, ମୁଁ ସେତେବେଳେ ମୁଁ ସମର୍ଥନ ମାଗିନଥିଲି, ଆଜି ବି ମୁଁ ମାନ୍ୟତାର ଅନ୍ୱେଷଣରେ ନାହିଁ ।

ଆମ ସମସ୍ତଙ୍କୁ ଆତ୍ମ ଅଭିବ୍ୟକ୍ତିର ଅଧିକାର ଅଛି ଏବଂ ତାହା ହିଁ ମୁଁ କରିଛି ।

**ନରେନ୍ଦ୍ର ମୋଦୀ**

drsubashnayak48@gmail.com

To bhawanasomaaya@gmail.com

Date 30 Nov 2021, 8:46 pm

See security details

Respected
PadmaShri Bhawana Somaaya ji

With honour, I draw to your kind attention that i have completed my translation of Poem book 'Debi Maa nku Chithi' in my Classical Odia Language from 'Letters to Mother 'english poem translation book by you from Gujarati Poem Book "Saakshi Bhaav"by Sri Narendra Modi ji, Hon'ble Prime Minister of India

Madam, i want your blessing for publication my book, so i needed a permission letter (best wishes letter )by you

which of your highness, i as well as Lovers of the Books of Modi ji are ever obliged to you
awaiting your kind reply

Yours like a Son

Prof. Dr. Subash Nayak



**Bhawana Soma...** 01/12/2021

to me

| | |
|---|---|
| From | Bhawana Somaaya • bhawanasomaaya@gmail.com |
| To | Prof.Subash Nayak • drsubashnayak48@gmail.com |
| Date | 1 Dec 2021, 6:58 am |
| | Standard encryption (TLS). See security details |

i cannot give you permission, I am not the author of the book. Author is Modi. Seek permission from him

*Weapons cannot pierce through this soul and fire cannot burn it.*
*Water cannot drench it and the wind cannot dry it.*
*The soul is eternal and therefore cannot be damaged, burnt, drowned. It is ageless, timeless and therefore eternal.*
*- Lord Krishna*
www.bhawanasomaaya.com

# ଅନୁବାଦକଙ୍କ କଲମରୁ

ନରେନ୍ଦ୍ର ମୋଦୀ – ଭାରତୀୟ ସାହିତ୍ୟ ଓ ଭାରତୀୟ ରାଜନୀତିର ଜଣେ ସ୍ୱର୍ଦ୍ଧିତ ନାମ ନୁହେଁ ବରଂ ବିଶ୍ୱ ସାହିତ୍ୟ ଓ ବିଶ୍ୱ ରାଜନୀତିର ଜଣେ ପରିଚିତ ନାମ। ଜଣେ ସାଧାରଣ ବ୍ୟକ୍ତିରୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ନରେନ୍ଦ୍ର ମୋଦୀ ।

ନିଜ ଜନ୍ମମାଟି ଗୁଜୁରାଟୀ ଭାଷା ଓ ସାହିତ୍ୟର ଜଣେ ସାରସ୍ୱତ ପୁରୁଷ । ତାଙ୍କ କଲମ ଲିଖନୀ ଗୁଜୁରାଟୀ ସାହିତ୍ୟର ବିକାଶରେ ଯେପରି ବିକଶିତ, କାଳକ୍ରମେ ତାଙ୍କର ସୃଷ୍ଟିକୁ ଅନେକ ଭାରତୀୟ ଭାଷାରେ ଅନୁବାଦ ସାହିତ୍ୟ ମାଧ୍ୟମରେ ଭାରତୀୟ ସାହିତ୍ୟରେ ଜଣେ ସାହିତ୍ୟିକର ମର୍ଯ୍ୟାଦା ନରେନ୍ଦ୍ର ମୋଦୀଙ୍କୁ ପ୍ରଦ ।ନକରେ ଠିକ୍ ସେହିପରି ଜଣେ ଜନସେବକ ଭାବରେ ଗୁଜୁରାଟର ୩ ଥର ମୁଖ୍ୟମନ୍ତ୍ରୀ ଭାବରେ ଗୁଜୁରାଟ ଜନତାଙ୍କ ସେବା ସହିତ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରାଇବାର ଫଳଶ୍ରୁତି ବର୍ତମାନର ଭାରତବର୍ଷର ୨ୟ ବାର ପ୍ରଧ ।ନମନ୍ତ୍ରୀ ପଦବୀରେ କାର୍ଯ୍ୟକରି ଭାରତୀୟ ଜନମାନସର ପ୍ରଧାନସେବକ ଭାବରେ ପରିଚିତ ।

ଠିକ୍ ସେହିପରି ନରେନ୍ଦ୍ର ମୋଦୀ – ବିଶ୍ୱ ସାହିତ୍ୟ ଓ ବିଶ୍ୱ ରାଜନୀତିର ଜଣେ କର୍ଣ୍ଣଧାର । ମୋଦୀଙ୍କ ସାହିତ୍ୟ ସୃଷ୍ଟି ବିଶ୍ୱର ଅନେକ ରାଷ୍ଟ୍ରର ପ୍ରତିଷ୍ଠିତ ସାହିତ୍ୟିକ ଙ୍କ ଦ୍ୱାରା ଅନୁବାଦ କାର୍ଯ୍ୟହୋଇ ତାଙ୍କର ସୃଜନଧାରାକୁ ବିଶ୍ୱ ସାହିତ୍ୟରେ ପ୍ରତିପାଦନ କରିପାରିଅଛି, ଠିକ୍ ସେହିପରି ଭାରତର ପ୍ରଧାନମନ୍ତ୍ରୀ ଭାବରେ ବିଶ୍ୱକଲ୍ୟାଣ ପାଇଁ ତାଙ୍କର ପଦକ୍ଷେପ ମିଳିତ ଜାତିସଂଘରେ ସଂସ୍କାର ସହିତ ବହୁ ରାଷ୍ଟ୍ର ତାଙ୍କ ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିବା ତାଙ୍କ ବିଶ୍ୱ ନେତୃତ୍ୱର ପ ରାକାଷ୍ଠାକୁ ପ୍ରତିପାଦନ କରିଅଛି, ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ମୁଁ ଜଣେ ଗବେଷକ ଭାବରେ ମୋର ଉଚ୍ଚତର ଗବେଷଣା ପୋଷ୍ଟ–ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ପ୍ରସଙ୍ଗ – "ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦୀଙ୍କ

କାବ୍ୟଜଗତ - ଏକ ଅଧ୍ୟୟନ" ଭିତିକୁ ଆଧାର ସ୍ୱରୂପ - କବି ନରେନ୍ଦ୍ର ମୋଦୀଙ୍କ ଏକ କବିତା ସଂକଳନ - ଗୁଜୁରାଟୀ ଭାଷା - "ଆଖଁ ଆଁ ଧନ୍ୟ ଛୋ" - ଏହାର ଇଂରାଜୀ ଅନୁବାଦକ ରବିମନ୍ଥା ଙ୍କ "ଏ ଜର୍ଣ୍ଣି" କୁ ମୋର ଓଡିଆ ଅନୁବାଦ - "ଏକ ଯାତ୍ରା" - ଓଡିଆ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ ।

"ଏ ଜର୍ଣ୍ଣି" - ପୁସ୍ତକଟିକୁ ମୋର ପ୍ରେରଣାରେ ୧୨ ଜଣ ଭାରତୀୟ କବି ଓ ୪ ଜଣ ବିଶ୍ୱକବି ଅନୁବାଦ ଯାହା ଭାରତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟ ର ଏକ ଅ ଂଶ । ଏ ପୁସ୍ତକ କୁ ନେଇ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ସାହିତ୍ୟ ସମ୍ମାନ - ୨୦୨୧ ପାଇଁ ମୁଁ ମନୋନୀତ କରି ନିଜକୁ ଗୌରବାନିତ୍ୱ ମନେ କରୁଅଛି ।

ନରେନ୍ଦ୍ର ମୋଦୀ ଗୁଜୁରାଟୀ ସାହିତ୍ୟ ର ଜଣେ ସାହିତ୍ୟିକ । ବିଶେଷତଃ କବି ତାଙ୍କ ଅନ୍ୟଏକ କବିତା ସଂକଳନ ଗୁଜୁରାଟୀ ଭାଷାରେ "ଶାଖୀ ଭବ" କୁ ଇଂରାଜୀ ଭାଷାରେ ଅନୁବାଦ କରିଅଛନ୍ତି - ଭାବନା ସୋମୟା । "ଲେଟର ଟୁ ମଦର" - ଏହାକୁ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ ମୋର ଦ୍ୱାରା କରାଯାଇଅ ଛି - "ଦେବୀ ମା'ଙ୍କୁ ଚିଠି" । ଉକ୍ତ ପୁସ୍ତକଟି ତାଙ୍କ ସମର୍ପିତ ଶକ୍ତିର ଫଳଶ୍ରୁତି ନରେନ୍ଦ୍ର ମୋଦୀଙ୍କ ସନ୍ନ୍ୟାସୀ ଜୀବନରେ ହିମାଳୟ ପର୍ବତର ଶିଖରରେ ତପ ସ୍ୟାରତ ସମୟରେ - ଜଗତ ଜନନୀ ମା'ଙ୍କୁ ସ୍ମରଣକରି କିଛି ଅଲୌକିକ ଶକ୍ତିରେ ଜୀବନର ପରବର୍ତୀ ପର୍ଯ୍ୟାୟରେ ଏହି ସବୁ କବିତା ମା'ଙ୍କ ବନ୍ଦନାରେ ରଚନା କରିଥିଲେ । ପରବର୍ତୀ ସମୟରେ ଏହା ପୁସ୍ତକରେ ମହିମା ମଣ୍ଡିତ ହୋଇଥିଲା ।

୧୬ ଗୋଟି କାବ୍ୟାଞ୍ଜଳୀକୁ ନେଇ ଏ ପୁସ୍ତକ - "ଦେବୀ ମା'ଙ୍କୁ ଚିଠି" - ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ନରେନ୍ଦ୍ର ମୋଦୀଙ୍କ ସାଧନା ତାଙ୍କୁ ଆଜି ବିଶ୍ୱ ଦରବାରରେ ପରିଚିତ କରାଇବା ସହିତ ଭାରତବର୍ଷର ଜଣେ ସୁଯୋଗ୍ୟ "ରାଷ୍ଟ୍ରପୁତ୍ର" ଭାବରେ ପରିଚୟ ଦେଇଅ ଛି । ମୋଦୀଙ୍କ ସାହିତ୍ୟ କୃତିକୁ ନେଇ ଅନେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ - ଡକ୍ଟର ଅଫ୍ ଲେଟର (ଡି.ଲିଟ୍.) ଉପାଧି ପ୍ରଦାନପାଇଁ ସୁପାରିଶ ସ୍ୱରୂପ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସାହିତ୍ୟ କୃତିକୁ ଏହା ଏକ ସାର୍ବଜନୀନ ସ୍ୱୀକୃତି ଅଟେ ।

ନରେନ୍ଦ୍ର ମୋଦୀ ଜଣେ ସଫଳ ରାଷ୍ଟ୍ରସେବକ, ଭାରତବର୍ଷର ଅଦ୍ୱିତୀୟ ରାଜନେତା, ଜନାଦୃତ୍ୟ, ଭାରତ ର ବିକାଶର ଏକ ଉତୁଙ୍ଗ ପୁରୁଷଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ "ଭାରତରତ୍ନ" ପ୍ରଦାନ କରାଯିବା ପାଇଁ ମୋର

ବ୍ୟକ୍ତିଗତ ପତ୍ରକୁ ଗୃହ ମନ୍ତ୍ରଣାଳୟ, ଭାରତ ସରକାର ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଛନ୍ତି, ତାହା ବର୍ତମାନ ଭାରତ ସରକାରଙ୍କ ସକ୍ରିୟ ବିଚାରଧିନ ଅଛି ।

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଙ୍କ ସ୍ୱପ୍ନର ଭାରତବର୍ଷକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ - ଭାରତକୁ ମିଳିତ ଜାତିସଂଘର "ନିରାପତା ପରିଷଦ" ରେ ସ୍ଥାୟୀ ସଦସ୍ୟ ଭାବରେ ପ୍ରୟାସ ତାଙ୍କୁ ଦିନେ ଭାରତବର୍ଷର "ରାଷ୍ଟ୍ରପୁତ୍ର" ର ମର୍ଯ୍ୟାଦା ପ୍ରଦାନକରିବ ।

ମୋର ଏହି ପୁସ୍ତକ "ଦେବୀ ମା'ଙ୍କୁ ଚିଠି"- ନରେନ୍ଦ୍ର ମୋଦୀଙ୍କ କାବ୍ୟାଞ୍ଜଳି - (ଏକ ଶାସ୍ତ୍ରୀୟ ଓଡିଆ ଅନୁବାଦ ସାହିତ୍ୟ)ଟିକୁ ସମ୍ପୂର୍ଣ୍ଣ କରିବା ଦିଗରେ ଯାହାଙ୍କ ପ୍ରେରଣା ଅବିସ୍ମରଣୀୟ, ସେ ମୋର ପ୍ରିୟବନ୍ଧୁ ଆମ ଟେଟ୍ରାହେଡନ୍ ଗ୍ରୁପ୍ ଅଫ୍ ଇନିଟ୍ୟୁସନ୍ସ, ଟାଙ୍ଗୀ, କଟକର ଇଂରାଜୀ ଭାଷା ଓ ସାହିତ୍ୟ ର ଅଧ୍ୟାପକ ପ୍ରୀତମ୍ କୁମାର ସାହୁ (ଶ୍ରୀରାମ) ଙ୍କ ବିନା ପୁସ୍ତିକାଟିକୁ ସମ୍ପୂର୍ଣ୍ଣ କରିବା ସମ୍ଭବପର ହୋଇପାରିନଥାନ୍ତା ।

ଏଥିସହିତ ମୋ ସହକର୍ମୀ - ଅଧ୍ୟାପକ ବିଶ୍ୱ ରଞ୍ଜନ ଦାଶ, ଅଧ୍ୟାପକ ସୋମନାଥ ଜେନା, ଅଧ୍ୟାପକ ବିଷ୍ଣୁପ୍ରସାଦ ପଣ୍ଡିତ, ଅଧ୍ୟାପକ ବିକାଶ କୁମାର ସ୍ୱାଇଁ ପ୍ରମୁଖଙ୍କ ଉତ୍ସାହ ତଥା ମୋର ଗୁରୁ ଭୁବନର ବାଜିରାଉତ କଲେଜର ଅଧ୍ୟାପକ ଅନୀଲ୍ ଧିର୍, ଅଧ୍ୟାପକ ସୁବାଷ ଚନ୍ଦ୍ର ପତି, ଭୁବନ ମହିଳା ଡିଗ୍ରୀ କଲେଜର ଅଧ୍ୟାପିକା ପ୍ରମିଳା ଦାଶ ଙ୍କ ସକ୍ରିୟ ଉପଦେଶ ଅତୁଳନୀୟ ।

ପୁସ୍ତକଟିକୁ ସମ୍ପୂର୍ଣ୍ଣ କରିବା ଦିଗରେ ଯାହାଙ୍କର ସର୍ବଦା ମୋ ପ୍ରତି ତାଗିଦ୍ ପିତୃତୁଲ୍ୟ ବାଣିଶ୍ରୀ ରବୀନ୍ଦ୍ର କୁମାର ହୋତା, ସଭାପତି - ବାଣୀ ସାହିତ୍ୟ ସଂସଦ, ଭୁବନ ତଥା ମୋର ସାନଭାଇ - ଇଂରାଜୀ ସାହିତ୍ୟ ର ଗବେଷକ, ଶିକ୍ଷକ ଡକ୍ଟର ମାନସ ନାୟକ ଙ୍କ ସାହାଯ୍ୟ ଏବଂ ଅଧୁନା ବାଜିରାଉତ କଲେଜର ଛାତ୍ର, ସାନ ଭ୍ରାତୃତୁଲ୍ୟ ଶ୍ରଦ୍ଧେୟ ରମେଶ ଚନ୍ଦ୍ର ବେହେରା ଙ୍କ ସହଯୋଗକୁ ମୁଁ କଦାପି ଜୀବନରେ ଭୁଲିପାରିବି ନାହିଁ । "ଲେଟର ଟୁ ମଦର" - ପୁସ୍ତକର ଲେଖିକା ଭାବନା ସୋମୟା ଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ଏ ପୁସ୍ତିକାଟି ଓଡିଆ ଜାତି ତଥା ଭାଷା ସାହିତ୍ୟ ର ପାଠକୀୟ ଆଦୃତି ଲାଭ କରିପାରିଲେ ମୋର ଶ୍ରମ ସାର୍ଥକ ହୋଇପାରିବ ।

**ଗୁଣମୁଗ୍ଧ ସାହିତ୍ୟସେବକ**

**(ପ୍ରଫେସର ଡକ୍ଟର ସୁବାଷ ନାୟକ)**

# ସୂଚିପତ୍ର

| | |
|---|---|
| ଜୀବନର ଲକ୍ଷ୍ୟ | ୧୮ |
| ସ୍ୱପ୍ନର ବିକ୍ଷିପ୍ତ ଭଗ୍ନାବଶେଷ | ୨୧ |
| ତୁମର ସର୍ଜନା | ୨୬ |
| ଦେବୀ ମା’ | ୩୦ |
| କୋମଳ ଦୃଷ୍ଟି | ୩୬ |
| ମହାନ ଦୃଢତା | ୪୧ |
| ହୃଦୟ ଏକ ମନ୍ଦିର | ୪୫ |
| ନୂଆ ଜୀବନ ର ଅନ୍ୱେଷଣ | ୪୯ |
| ପାରଦୀୟ ସମୟ | ୫୩ |
| ସମୟ ଯାତ୍ରା | ୫୬ |
| ଶୂନ୍ୟତା ସୃଷ୍ଟି | ୬୦ |
| ପଥ ଏକମାତ୍ର | ୬୨ |
| ବ୍ୟଥିତ ବିଳାପ | ୬୫ |
| ଯନ୍ତ୍ରଣା ଅନାଥ ନୁହେଁ | ୬୭ |
| ନିରବଚ୍ଛିନ୍ନ ଦ୍ୱନ୍ଦ୍ୱ | ୬୯ |
| ସମର୍ପଣ ଓ ସମ୍ପୂର୍ଣ୍ଣତା | ୭୧ |

# ଜୀବନର ଲକ୍ଷ୍ୟ

## (୧ ଡିସେମ୍ବର, ୧୯୮୬)

ଶେଷ ମାସର ପ୍ରଥମ ଦିନ
୧୯୮୬ ମସିହାର
କାନ୍ଥ ଉପରେ ଥିବା ସ୍ଥିର କ୍ୟାଲେଣ୍ଡର
ସମୟର ଏକ ସଙ୍କେତକ
ବ୍ୟଙ୍ଗାତ୍ମକ, ନୁହେଁ କି ?

ମାନବ ଜୀବନ ସ୍ଥିରଶୀଳ
ହେଲେ ବ୍ରହ୍ମାଣ୍ଡ ଗତିଶୀଳ
ତା'ହେଲେ, ଏସବୁ ଭିତରେ ମୁଁ କେଉଁଥିପାଇଁ ଉପଯୁକ୍ତ ?
ମୁଁ କ'ଣ ଗତି ସହିତ ଆଗକୁ ବଢେ ?
ମୁଁ କ'ଣ ଏହାକୁ ଆହ୍ୱାନ କରେ ?

କ'ଣ ଅଗ୍ରଗତି ମୁକ୍ତ ବିଚରଣ
ନା ବିଚରଣର ଏକ ଭ୍ରମ
ମୁଁ କ'ଣ କାନ୍ଥ ଉପରେ ଥିବା କ୍ୟାଲେଣ୍ଡର ପରି ?
ଗତିହୀନ
ତଥାପି ସୃଷ୍ଟି କରୁଛି ବିଚରଣର ଏକ ଭ୍ରମ ।

କିମ୍ବା ଏଇଟା ଅଟକି କାରଣ ସେଠି ଜୀବନ ଅଛି
ସେଠି ବିଚରଣ ଅଛି
ଏବଂ କେମିତି ଜଣେ ନିଶ୍ଚିତ ହୋଇପାରିବ
ଯେ ଏହି ବିଚରଣ ହିଁ ସକରାତ୍ମକ ।

ଏବଂ କିଏ ନିର୍ଦ୍ଧାରିତ କରିଛି ଏ ନିର୍ଦ୍ଦେଶାବଳୀ ସବୁକୁ
ଗତିର, ପ୍ରଗତିର ଅବନତିର
ଏସବୁ କ'ଣ ଆତ୍ମନିଷ୍ଠ ନୁହେଁ କି ?

ଜଣଙ୍କ ପାଇଁ ପ୍ରଗତି କ'ଣ ଅଟେ
ଅନେକ ସମୟରେ ଅନ୍ୟପାଇଁ ପ୍ରତିକୂଳ ସାବ୍ୟସ୍ତ ହୋଇଥାଏ ।

ତା'ହେଲେ ଜୀବନକୁ କ'ଣ ଅନୁଭବ କରିବାର ଅଛି
କେବଳ ଯାହା ସ୍ୱଷ୍ଟ ?
ସମୟ କ'ଣ କେବେ ଉଦ୍ଦେଶ୍ୟପୂର୍ଣ୍ଣ ହୋଇପାରେ ?
ଏବଂ ଯଦି ଜୀବନକୁ ପ୍ରତିବନ୍ଧକ କରିବାର ଅଛି
ଦୃଶ୍ୟମାନ ସୀମାରେଖା ଦ୍ୱାରା
କିଏ ଯାଉଛି ପାଣି ଢାଳି ଲିଭାଇବାକୁ
ଏସବୁ ଅସନ୍ତୁଷ୍ଟର ବହ୍ନିକୁ ।

ଅସନ୍ତୋଷ .....
ଗଭୀର ମନନ ଦ୍ୱାରା ସୃଷ୍ଟି ହୋଇଥିବା
ଏବଂ ଯଦି କେହି ଏହାକୁ ବୁଝିଯାଏ
ନିଷ୍କକ୍ଷତା ହେବା କଥା ନୁହେଁ
ଆମ ଜୀବନର ସିଦ୍ଧାନ୍ତ
ତା'ହେଲେ ଏଇଟା ଏତେ କଷ୍ଟ କାହିଁକି
ଆସକ୍ତି କୁ ଦୂର କରିବା ପାଇଁ ।

ବେଳେବେଳେ ଜୀବନ ଲାଗେ ଏକ ସପନ ସମାଧିର
କରୁଥାଏ ଉପଯୋଗ ଗତି ଆଉ ବିଚାର ର
ଆଉ କେବେକେବେ ଲାଗେ
ଲୁହ ଭିଜା ଧ୍ୱସ୍ତ ସପ୍ନର ।

ଏଥିପାଇଁ ମୁଁ କାମନା କରେ ଏମିତି ଏକ ଜୀବନ
ଯେଉଁଥିରେ ଭରି ରହିଥିବ କରୁଣା
ପ୍ରତ୍ୟାଶା ବିହୀନ
ମୁଁ ଏଥିପାଇଁ ହେଉଛି ବ୍ୟାକୁଳ
ବରଂ ଅନୁନୟ କରୁଛି ଏଥିପାଇଁ ।

# ସ୍ୱପ୍ନର ବିକ୍ଷିପ୍ତ ଭଗ୍ନାବଶେଷ

(୨ ଡିସେମ୍ବର, ୧୯୮୬)

ସୂର୍ଯ୍ୟ ଉଦୟ ହୁଏ ପ୍ରତିଦିନ
ଏକ ଉଦ୍ଦେଶ୍ୟର ସହ
କିନ୍ତୁ ଆଜିର ସକାଳ
ସୂର୍ଯ୍ୟ କୁହୁଡିଆ ଦେଖାଯାଉଛି
କିଛିମାତ୍ରାରେ ଅସ୍ଥିର
ସତେ ଯେମିତି କିଛି ଅନୁଚିତ୍
ହବାକୁ ଯାଉଛି
କିଛି ଗୋଟେ ଭୟଙ୍କର ।

ଏମିତି ଲାଗୁଛି ସତେ ଯେମିତି କିଛିଗୋଟେ
ମୂଲ୍ୟବାନ୍ ଜିନିଷ
ମୋଠୁ ଚୋରି ହେବାକୁ ଯାଉଛି
ମୋତେ ଅଦ୍ଭୁତ, ଭୟାନକ ଚିନ୍ତାସବୁ ଗ୍ରାସ କରୁଛି
ଯେମିତି ସୂର୍ଯ୍ୟ ଅଶୁଭ ରୂପେ
ଆକାଶରେ ଗୋଟିଏ ସ୍ଥାନରେ ଘୂରି ବୁଲୁଛି ।

ଶରୀର ଏଠି ଅଛି, ଦେହ ମନ ଅଛି ଆଉ କୁଆଡେ
କାହିଁକି ସୂର୍ଯ୍ୟ ଯୋଡି ପାରୁନି
ଏ ଶରୀରକୁ ମନ ସହ ?
ଯେତେବେଳେ ମୁଁ ଏଠାରେ ଥାଏ, ମନ ଘୂରିବୁଲେ
ଯେତେବେଳେ ମନ ଏଠିଥାଏ, ମୁଁ ଚାଲିଯାଏ ।

ନିମିଷକେ ମଧ୍ୟରେ, ମନ ଉଡିଯାଏ
ବହୁଦୂର
ବିନା ନକସାରେ ଅଶ୍ୱର ଦ୍ରୁତ ଗତିରେ

ବିନା ଲଣ୍ଠନରେ
ନିର୍ଭୟରେ, ବିନା ଆଶଙ୍କାରେ
ମନ ଏପଟ ସେପଟ ହୁଏ, ଆସ୍ଫାଳନ କରେ ।

ଏ ଶରୀରକୁ ବେଖାତିର କରି
ଯାହାଯାହା ଏହା ଯନ୍ତ୍ରଣା ଭୋଗୁଛି
କିମ୍ବା କେମିତି ଫୋଟକା ହେଉଛି
ସ୍ୱପ୍ନର ଏହି ମନ୍ଥନରେ ।

ତା'ପରେ ଜହ୍ନରେ ରୂପାନ୍ତରିତ ହୁଏ
ମନ ଧିରେଧିରେ ଶରୀରକୁ ଆଲିଙ୍ଗନ କରେ
ନୀରବରେ
ଅନେକ ସମୟରେ ଏହାକୁ ଜାଳି ବି ଦିଏ
ତା'ପରେ ଶିଖା ଚାରିଆଡେ ବ୍ୟାପିଯାଏ
ସମଗ୍ର ବ୍ରହ୍ମାଣ୍ଡକୁ ଏହାର ବସ କରିନିଏ ।

ସ୍ୱପ୍ନସବୁ ଧ୍ୱଂସାବଶେଷ ର ଖଣ୍ଡ ପାଲଟିଯାଏ
ଆଉ ସବୁକିଛି ନିରର୍ଥକ ହୋଇଯାଏ
କୁହୁଡିଆ, ଅସହଜ
ତୁମେ ତାହା ଅନୁଭବ କରିଥିବା, ମା', ଅନୁଭବ
କରିନ କି ?

ଆଜି କାହିଁକି ପ୍ରତିକୂଳ ଭଳି ଦିଶୁଛ ?
କାହିଁକି ଉଦିତ ସୂର୍ଯ୍ୟ
ଅସହ୍ୟ ଯନ୍ତ୍ରଣାରେ ମୋତେ ଦହନ କରୁଛି
ମୁଁ ଏହାକୁ ବୁଝିପାରୁଛି, ଅନୁଭବ କରିପାରୁଛି
ମା', ତୁମର ଆଶୀର୍ବାଦ ଦ୍ୱାରା ।

ମନ ଆଜି ଜଡ, ଅନୁଭୂତି ଶୂନ୍ୟ
ଏକ ଅସହଜ ଭାବନା
କିଛି ଗୋଟିଏ ଧ୍ୱଂସ ହୋଇଥିବାର
କିଛି ଗୋଟିଏ ନଷ୍ଟ ହୋଇଥିବାର
କିଛି ଗୋଟିଏ ବରବାଦ୍ ହୋଇଥିବାର

ମୋ ଚାରିପଟେ ବହୁତ କିଛି ଘଟିଚାଲୁଛି
ମୁଁ କ'ଣ ଅତ୍ୟାଧିକ ପ୍ରତିକ୍ରିୟାଶୀଳ ହୋଇପଡୁଛି ।

ମୋର କ'ଣ ମତିଭ୍ରମ ଘଟିଛି
ମୋତେ ଏମିତି ଲାଗୁନି, ମା'
ଚୁପ୍‌ଚାପ୍ ସ୍ୱପ୍ନସବୁ ଚେର ଆଡକୁ ଲେଉଟିଛି
ଚୁପ୍‌ଚାପ୍, ପ୍ରତ୍ୟାଶା ହାର ମାନି ନେଉଛି
ଚୁପ୍‌ଚାପ୍, ହୃଦୟ ଅଭିଳାଷକୁ କୁରାଢୀ ମାରୁଛି ।

ଅସହାୟତା ଲାଗିରହେ
ସତେ ଯେମିତି ପ୍ରତି ମୁହୂର୍ତ୍ତ
ମୋତେ ଅନ୍ତଯାଏ ଟାଣିନିଏ
ମୁଁ ପରା ନିଶ୍ଚିତ ଯେ
ସକାଳର ସୂର୍ଯ୍ୟ ହିଁ
ମୋତେ ଜାଳୁଥାଏ
କିମ୍ବା ଏହା ନୁହେଁ କି ।

ଜହ୍ନ ଆସିଥାଏ ବିଳମ୍ବରେ ସବୁଦିନ ଠାରୁ
ଏବଂ ତା'ର ମୃଦୁ, କୋମଳ ମିଜାଜ ବିନା
ଆଉ ମଧ, କାହିଁକି ଏହା ମୋତେ ଉଜାଗର ରଖିଥାଏ
ନିଶ୍ଚିତ ଭାବେ, ମୋତେ କ'ଣ ଏତେ ଦୁଃଖକଷ୍ଟ
ସହିବା ଦରକାର ?

ଯଦି ଆବଶ୍ୟକ ପଡେ, ଦଣ୍ଡଦିଅ ଏହି ଶରୀରକୁ
ଏହାକୁ ଖଣ୍ଡଖଣ୍ଡ କରି ନଷ୍ଟ କରିଦିଅ
ମୁଁ ଭୟରେ ପଛକୁ ଘୁଞ୍ଚିବିନି
କିନ୍ତୁ ମୋତେ କୁହ ମା'
ଏହିପରି ଭାବେ ମୋତେ କ୍ଷତାକ୍ତ କରିବା କ'ଣ ଠିକ୍ ?
ଯେତେବେଳେ କି ମୁଁ ତୁମ ପାଖେ ମୋ ଜୀବନ
ସମର୍ପି ଦେଇଛି ।

କିମ୍ବା କ'ଣ ଏହି କାରଣରୁ
ଯେମିତି ପ୍ରତିକ୍ଷଣ
ମୋ ଜୀବନର ମୂଲ୍ୟବାନ

ପ୍ରତିକ୍ଷଣ ମଧ୍ୟ ଅମୂଲ୍ୟ
ଏବଂ ଏହି ମୁହୂର୍ତ୍ତ ଲିଭିଯାଇଛି ।

ଅତୀତର ଯନ୍ତ୍ରଣା ମୋ ହୃଦୟକୁ ବିଦ୍ଧ କରୁଛି
ଯାତନାର ଛବି ପୁନଃ ସୃଷ୍ଟି କରୁଛି
ମୁଁ ଆତ୍ମ ସନ୍ଦେହକୁ ଦୂର କରିବା ପାଇଁ
ବିନା ଅସ୍ତ୍ରରେ ସଂଘର୍ଷରତ
ଆଜି ମୁଁ କାହିଁକି ଦୋଦୋପାଚଂ ରହୁଛି ?
ଏ ହୃଦୟ କାହିଁକି ବିଭ୍ରାଟ, ବିଶୃଙ୍ଖଳାରେ ଭରିଯାଇଛି ।

ମାଆ ତୁମେ କ'ଣ ମୋତେ ବିପଦର ଆଶଙ୍କା ବିଷୟରେ
କହିବାକୁ କ୍ଷାନ୍ତ ଅଛ ?
କାରଣ ତୁମେ ଚାହୁଁଛ ମୋତେ ରକ୍ଷା କରିବା ପାଇଁ
କାରଣ ତୁମେ କହିବାକୁ ଚାହୁଁନ
ଏ ଅମୂଲ୍ୟ ଜୀବନକୁ ଅସହ୍ୟ ।

ମୁଁ ତୁମକୁ ଜଣେଇବାକୁ ଚାହୁଁଛି
ଯେ ମୁଁ ପ୍ରତିକ୍ଷଣ ପ୍ରସ୍ତୁତ ଅଛି
ତା'ହେଲେ ମୋ ଉପରେ ତୁମେ
ବିଶ୍ୱାସ କାହିଁକି ହରେଇ ନେଇଛ
ପ୍ରତ୍ୟେକ ପରିସ୍ଥିତିକୁ ଗ୍ରହଣ କରିବା
ଆଲିଙ୍ଗନ କରିବା ଅବଲମ୍ବନ କରିବାର
ଦକ୍ଷତା ଉପରେ ବିଶ୍ୱାସ ଦୂରେଇ ଦେଇଛ ।

ମା' ଦୟାକରି ସ୍ୱଷ୍ଟକରି କୁହ
ଆଜି ଏ କଳା ବାଦଲ କ'ଣ ପାଇଁ ଉଠିଛି
ଆଗକୁ ଅପ୍ରତ୍ୟାଶିତ କ'ଣ ଘଟିବ, ମୁଁ ବୁଝିପାରୁଛି
କାରଣ ତୁମେ ମୋ ଭିତରେ ଅଛ
ଆଉ ଯଦି ତୁମେ ତାହା ଜାଣିଛ
ମୋ କ୍ଷମତା, ଦକ୍ଷତା ବିଷୟରେ ଏ ଅନିଶ୍ଚିତତା କାହିଁକି ?

କିମ୍ବା ଏମିତି କି ତୁମେ ଚାହୁଁଛ ମୁଁ ଏହି ସ୍ଥିତିରେ ରହେ
ବୋଧହୁଏ, ଏଇଟା ହିଁ ତୁମେ ଇଙ୍ଗିତ କରୁଛ
କିମ୍ବା ତାହା ହିଁ ମୁଁ ବର୍ତ୍ତମାନ ସୁଦ୍ଧା ବୁଝିଛି ।

ମୋ ପାଖରେ ତୁମ ବିରୁଦ୍ଧରେ ଯିବାପାଇଁ
ସାହସର ଅଭାବ ଅଛି
କିନ୍ତୁ ମୁଁ ମା'ଙ୍କୁ ବିନତୀ କରିପାରିବି
ଯାହା କିଛି ହେବାର ଅଛି, ତାକୁ ଛାଡିଦେଉଛି
ଖୋଲା ସେତେବେଳ ଯାଏଁ ।

ତୁମେ ଅନୁଭବ କରିବ
ମୋର ବଳିଦାନ, ନିବେଦନ
ଏଠି, ସେଠି, ସବୁଠି ।

ବର୍ତମାନ ସୁଦ୍ଧା ସମସ୍ତ ପରିସ୍ଥିତି
ଭବିଷ୍ୟତର ଭ୍ରୁଣରେ ବିଶ୍ରାମ କରୁଛି
ମୁଁ ସବୁକିଛି ତୁମକୁ ନିବେଦନ କରିବାକୁ ଚାହୁଁଛି
ଏବଂ ଦୁଶ୍ଚିନ୍ତାରୁ ମୁକ୍ତ ହୋଇଯାଇଛି ।

ପ୍ରଥମ ଥର ପାଇଁ
ମୁଁ ଭାବନା ସବୁକୁ ବୁଝିପାରୁଛି
ଯାହା ଶବ୍ଦ ପ୍ରକାଶ କରିବାକୁ ଡରୁଛି
ଏବଂ ଏସବୁ ଭିତରେ,
ଜହ୍ନ ଅଗ୍ନିର ପଦଚିହ୍ନ ଛାଡି ଅତୀତକୁ
ମୃଦୁ ପବନରେ ଉଡେଇ ନେଉଛି ।

ମା' ଆସନ୍ତାକାଲିର ସୂର୍ଯ୍ୟୋଦୟ କ'ଣ
ଅଶୁଭ ସାବ୍ୟସ୍ତ ହେବ ?
ବର୍ତମାନ ଏମିତି ଲାଗୁଛି
ଭୋରହେବା ପାଇଁ କ୍ୱଚିତ୍ ସମୟ ଅଛି ।

ବୋଧହୁଏ, କିଛି ମୁହୂର୍ତ
ଏବଂ ସୂର୍ଯ୍ୟ ଏକଥା ଜାଣେ
ସବୁକିଛି ଜଡ ଅଟେ
ଶବ୍ଦ, ଭାବ ସବୁକିଛି ।

❀

# ତୁମର ସର୍ଜନା

(୩ ଡିସେମ୍ବର, ୧୯୮୬)

ଏମିତି ଲାଗୁଛି କି ସତେ ଯେମିତି
ମୁଁ ବାତ୍ୟା ସହ ପିଟି ହୋଇଯାଇଛି
ସକାଳର ସୂର୍ଯ୍ୟ, ଗତକାଲି ପରି
ବ୍ରହ୍ମାଣ୍ଡକୁ ବୁଲାଉଛି ଏବଂ ବିପଦଗାମୀ କରାଉଛି
ଭଲମଣିଷ ହେବାର ଏହି ଅନ୍ୱେଷଣ
ସ୍ୱପ୍ନହୋଇ ରହିଯାଇଛି ।

ସେମାନେ ଯାହା କୁହନ୍ତି
ସମୟ ସମସ୍ତ ଦୁଃଖକୁ ଠିକ୍ କରିଦିଏ
ଆଉ ଜୀବନର ଭିଡ ବଦଳିବାର
ପଥ ପ୍ରଦର୍ଶନ କରେ ।

ପରିପାର୍ଶ୍ୱ ଭିତରେ
ବୋଧହୁଏ
କିନ୍ତୁ ମୋ ଭିତରେ ବିଭ୍ରାଟ, ବିଶୃଙ୍ଖଳା
କେବେ କମ୍ ହେବ ?
ମୁଁ ନିଶ୍ଚିତ ନୁହେଁ
ମା', ପ୍ରଚେଷ୍ଟା କରିବାର ଏକ ସାମାନ୍ୟ ବିଚାର
ହତୋତ୍ସାହ କରୁଛି ।

ବିଚାର ସବୁର ଏକ ଲହରୀ
ଜୀବନ ବିଷୟରେ ପ୍ରଶ୍ନ ଉଠାଏ
ଜୀବନ ତୁମ ଦ୍ୱାରା ସୃଷ୍ଟି କରାଯାଇଥିବା
ଏକ କବିତା ନୁହେଁ କି ?

ଉତ୍ଥାନ ଆଉ ପତନ ତୁମ ଦୟା, ମା'
କିମ୍ବା ଏସବୁ କ'ଣ ସ୍ପଷ୍ଟ ସୁପ୍ତ ଅବିଶ୍ୱାସ
ତୁମର ସର୍ବୋଚ୍ଚତାକୁ ସିଦ୍ଧ କରିବାପାଇଁ
ଏକ ଚାଲ ?

ଯଦି ମୋର ଜୀବନରେ ଦୃଢ ବିଶ୍ୱାସ ଅଛି
ତା'ହେଲେ ମୁଁ ନିବେଦନ କରିବାରେ
କାହିଁକି ଅସମର୍ଥ
ବଦଳୁଥିବା ପରିସ୍ଥିତି ପାଇଁ
ମୁଁ ବିଭିନ୍ନ ଘଟଣା ଉପରେ
ଆଶ୍ଚର୍ଯ୍ୟର ବିରୋଧ କାହିଁକି କରିଥାଏ ?

ଆମେ ସମସ୍ତେ କେବଳ ଆମର କଳ୍ପନା ପାଇଁ
ଜୀବନର ଇଚ୍ଛା କାହିଁକି ରଖିଥାଉ
କ'ଣ ଏଇଥିପାଇଁ ଯେ ଜୀବନ ବିକଳ୍ପ ପ୍ରଦାନ କରିଥାଏ ?
କାରଣ ଆମେ ନିବେଦନ କରିଥାଉ
ତାହା ଯାହା ପ୍ରଚଳିତ ହୋଇଥାଏ
ଯେମିତି ସର୍ବଶକ୍ତିମାନଙ୍କ ଇଚ୍ଛା
କ'ଣ ଆମର ଉଦାରତା
ଭୀରୁତାର ମିଥ୍ୟା ଚେହେରା ହୋଇପାରେ ?
ନିଜକୁ ସୁରକ୍ଷିତ ରଖିବାର ଏକ ରକ୍ଷା ତନ୍ତ୍ର
ଏଭଳି ମାନସିକତାକୁ ଲକ୍ଷ୍ୟ ରୂପରେ ମହିମା ମଣ୍ଡନ
କରିବା ହେଉଛି ନିଜକୁ ଏବଂ ନିଜର ପ୍ରିୟଜନଙ୍କୁ
ପ୍ରତାରଣ କରିବା ।

ତା'ହେଲେ ଜୀବନର ମାନେ କ'ଣ କେବଳ ଶୋଷଣ ?
ଯଦି ଏମିତି, ତା'ହେଲେ କେମିତି ଆମେ
ଆମର ସଦ୍‌ଗୁଣ ସବୁକୁ ସାଇତି ରଖିଥାଉ ?
ଆମେ କେମିତି ଆମର ସଂଶୟକୁ ଜିତିଥାଉ ?
ଏଇଟା କ'ଣ କାରଣ ଅଟେ ଯେ ଆମେ
ଅନ୍ଧକାର ପାଇଁ ଦୁର୍ଭାଗ୍ୟ ଗ୍ରସ୍ତ ?
ଏପରି କପଟତା କେବେ
ଚିରନ୍ତନ ଖୁସି ଆଡକୁ ନେଇପାରିବ ?
ଏକ ବିକାଶ ଯାହା ବିକୃତ ଅଟେ

ତାହା ନା ପ୍ରତିଷ୍ଠା ଆଣିପାରିବ
ନା ପରିଚୟ ସୃଷ୍ଟି କରିପାରିବ ।

ଏହି ବିଶାଳ ବ୍ରହ୍ମାଣ୍ଡରେ, ଯେକୌଣସି ପରିସ୍ଥିତିରେ
କେତେ ଲୋକ ନିର୍ବୋଧ ହୋଇପାରିବେ ଏବଂ
କେତେ ଦିନଯାଏଁ ?
ସେ କେତେ ପୋଷାକ ବଦଳାଇ ପାରିବ ?
ଜୀବନର ରଙ୍ଗମଚଂ ଉପରେ
କ'ଣ ଏହା ତା'ର ଅନ୍ତିମ ପ୍ରସ୍ଥାନ
ସ୍ପଷ୍ଟ ଭାବରେ ନୁହେଁ ।

ନିଜର ପରାକ୍ରମ ଉପରେ ଭରସା କରି,
ମୁଁ କହୁଛି -
ଓଢଣାସବୁ ଖସିପଡିବ
ମୁଖାସବୁ ଖସିପଡିବ
ବୋଧହୁଏ ବ୍ରହ୍ମାଣ୍ଡ ସହିବ
କିନ୍ତୁ ନିଶ୍ଚିତ ଭାବରେ ଗ୍ରହଣ କରିବ ନାହିଁ ।

ମା', ଏଇଟା ତୁମରି ଦୟା ଅଟେ
ଯେ ମୁଁ ସଂଯୋଗ ହୋଇପାରୁଛି
ଏକତ୍ୱ ସହ
ଏବଂ କାରଣଟି
ମୁଁ ତୁମର ସଙ୍କୋଚିତା, ନ୍ୟାୟ ପରାୟଣତାକୁ
ସାଇତିବା ପାଇଁ ବିଶେଷ ଭାବେ
ବ୍ୟାକୁଳିତ ।

ହୃଦୟ ବିଳାପ କରୁଛି
ଜୀବନକୁ କାହିଁକି ସାଲିସ୍ କରିବାକୁ ହୁଏ
ଏହା କେତେବେଳେ ଦୃଢ ପରିକର ହୋଇପାରିବ
କେବଳ ସର୍ବୋଚ୍ଚ ଅଧିକାରୀ (ଈଶ୍ୱର) ଙ୍କ
ପାଖରେ ନିଶ୍ଚିତ ଭାବେ ଆମ ନିବେଦନ
ତେବେ ଯାଇ ଆମେ ଆନନ୍ଦ ଅନୁଭବ କରିପାରିବା
କମସେ କମ୍ ତାହା ହିଁ ମୁଁ ଆଶା କରିଥାଏ ।

ହେ ମା', ମୋତେ ଏ ବନ୍ଧନରୁ ମୁକ୍ତି ଦିଅ
ମୋତେ ଆଜାଦ୍ କରିଦିଅ, ଲୋକମାନଙ୍କୁ
ଆକଳନ କରିବାପାଇଁ ମୋତେ ଶକ୍ତି ଦିଅ
ବିନା ସୁଖରେ, ବିନା ଶ୍ରଦ୍ଧାରେ
ମୁଁ ବିଚାର କରିବାକୁ ଚାହୁଁନି
ମୁଁ ମୋ ଶ୍ରେଷ୍ଠତା ପ୍ରୟୋଗ କରିବାକୁ ଚାହୁଁନି ।

ମୁଁ ଭୁଲ୍‌ରୁ ଠିକ୍ ବୁଝିବାକୁ ଚାହୁଁଛି
ଏହା ମୋ ସମୃଦ୍ଧି ପାଇଁ ଅତ୍ୟାବଶ୍ୟକ
ମୁଁ ମୋର ଶକ୍ତିକୁ ନିଜଠୁ ଅଧିକ ବଢାଇବାକୁ ଚାହୁଁଛି
ମୋତେ ଆଶୀର୍ବାଦ ଦିଅ, ମା'
ଯେ ମୁଁ କାହା ସହିତ ଅନ୍ୟାୟ କରିବିନି
ଏବଂ ଯଦି ଅନ୍ୟାୟ ମୋ ରାସ୍ତା ରୋକେ
ମୋ ପାଖରେ ସାମ୍‌ନା କରିବାକୁ ଶକ୍ତିଥାଉ ।

ମୋତେ ଦେଖ, ମା'
ମୁଁ ଏକା ସବୁଦିନ ପାଇଁ ଦେବାଳିଆ
ହୋଇ ଯାଇଥିବା ବେପାରୀ ପରି
ନୂଆ ଋଣ ଅନ୍ୱେଷଣରେ ଅଛି,
ତୁମ ଆଶୀର୍ବାଦ
ସବୁବେଳେ
ତୁମେ ଦାତ୍ରୀ, ରକ୍ଷାକାରିଣୀ
ସେ ବିଷୟରେ ମୁଁ ନିଶ୍ଚିତ ଅଛି ।

# ଦେବୀ ମା'

**(୫ ଡିସେମ୍ବର, ୧୯୮୬)**

ଶୁଷ୍କ କ୍ଷେତ ବିଲ
ଫୋଟକା ଦ୍ୱାରା କ୍ଷତବିକ୍ଷତ ପୃଥିବୀ
ମେଘସବୁ ଠୁଳ
ସଂଚାର କରୁଛି ଆଶା
ଯେତେବେଳେ କି ହଠାତ୍
ଏକ ଝଡର ହସ୍ତକ୍ଷେପ
ମେଘସବୁ ବିକ୍ଷିପ୍ତ ହୋଇଯାଏ
ବିନା ଝିପିଝିପି ବର୍ଷାରେ
ଅତ୍ୟାଚାରୀ କ୍ଷଣ ।

ପିଲାମାନଙ୍କର ବିଦ୍ୟାଳୟରୁ ଫେରିବା ସମୟ
ଝରକା ପାଖରେ ମା'ଙ୍କ ଅପେକ୍ଷା
ତା' ଆଖିରେ ଉଦ୍‌ବିଗ୍ନତା
ପାଦ ଚଚଂଳ ଦୁଆର ର ବାହାରେ - ଭିତରେ
କିନ୍ତୁ ନିରେଖି ଚାହିଁଥାଏ ଫାଟକ ଆଡେ
କାନ ଡେରିଥାଏ ମା' ଡାକ ଶୁଣିବା ପାଇଁ
ସେମାନଙ୍କର ପହଚିଂବାର ସାମାନ୍ୟ ବିଳମ୍ବ ହେଲେ
ଚିନ୍ତା ବଢାଇଦିଏ, ତାକୁ ଅସ୍ଥିର କରିଦିଏ ।

ସ୍ପନ୍ଦନଶୀଳ ହୃଦୟ କାନ୍ଥକୁ ଖଣ୍ଡଖଣ୍ଡ କରି
ଭାଙ୍ଗି ଦେଇପାରେ
ଯେମିତି ପାଦ ଟଳମଳ ହୋଇ ଏଠିସେଠି ପଡେ
ଏବଂ ଆଖିରେ ଆଶଙ୍କା ଭରି ରହିଥାଏ
ବିଚ୍ଛେଦ ଦାରୁଣ ଯନ୍ତ୍ରଣାରେ ବଦଳିଯାଏ
ହଁ, ତାହା ପ୍ରତୀକ୍ଷାର ପ୍ରଭାବ

କିଛିମାତ୍ରାରେ ଜୀବନ ପରି
ବୋଧହୁଏ, ଆବେଗରେ ପାର୍ଥକ୍ୟ ଅଛି
ହୁଏତ, ଅଭିବ୍ୟକ୍ତିରେ
ବୋଧହୁଏ, ଏକ ନୂଆ କନିଆ ପରି
ସେମାନଙ୍କର ଅପେକ୍ଷାର ଯନ୍ତ୍ରଣା ଅସହାୟ
ବୋଧହୁଏ ।

ପ୍ରତ୍ୟାଶାର କ୍ଷଣ ହେଉଛି ସଙ୍କେତ ଦୀପ
ଆମ ମାନଙ୍କର ଆସକ୍ତିର
ଆମେ ସମ୍ମୁଖୀନ ହେଉଥିବା ଉତ୍‌ଥାନ
ପତନ ଚାପମାନ ଯନ୍ତ୍ରର ତିବ୍ରତା
ଯେମିତି ଝରଣା ସମୁଦ୍ର ଆଡକୁ ବହିଯାଏ
ସେମିତି ଆମେ ଢଳିଢଳି, ଢାଳରେ
ଦୋହଲି ଥାଉ
ଅତି ପ୍ରବାହ ହୋଇ ସୀମା ସରହଦ୍
ବିସ୍ତାର କରିଚାଲୁ
ବେଳେବେଳେ କଠୋର
ଅନେକ ସମୟରେ ଅସହଜ ।

ଆପଣ କେବେ ବସିଛନ୍ତି
ଏକ ଫୁଲ ଧରିଥିବା ଗଛତଳେ
ଏବଂ ଅନୁଭବ କରିଛନ୍ତି ଲାଳସା ?
ପ୍ରତିଟି ଛୋଲି, ପ୍ରତିଟି ଶାଖା
ଆପଣଙ୍କ ଦୁଃଖରେ ଏକ ଭାଗିଦାରୀ ହୋଇଯାଏ
ଆପଣଙ୍କୁ ବକ୍ର, କୁଚିଂତ ଏବଂ ଆବରଣ କରିଦିଏ
ଏହାର ଅନୁକମ୍ପାରେ
ଅପେକ୍ଷା କରୁଥିବା ସମୟରେ ଆପଣଙ୍କ
ଉତ୍କଣ୍ଠାକୁ ବୁଝେ
ସେମାନେ ବି ଉତ୍କଣ୍ଠିତ ହୋଇପଡନ୍ତି
ଏବଂ
ଯେତେବେଳେ ଅପେକ୍ଷାର ଅନ୍ତଘଟେ
ଯେତେବେଳେ ତୁମେ ସେହି ବ୍ୟକ୍ତିଙ୍କୁ ଭେଟିଥାଅ,
ଯାହାକୁ ତୁମେ ଅଭିଳାଷ କରିଥାଅ –
ତା' ପରେ ..... ।

ଯଦି ଆପଣ ପାରିବେ, ସ୍ୱୟଂ ଠୁ
ଉପରକୁ ଉଠନ୍ତୁ
ଏବଂ ନୃତ୍ୟ କରୁଥିବା ଫୁଲସବୁକୁ
ଟିକେ ନିରେଖି ଚାହାଁନ୍ତୁ
ଗୀତ ଗାଉଥିବା ପତ୍ରସବୁକୁ
ଢଳଢଳ ହେଉଥିବା ଶାଖା ସବୁକୁ
ସମସ୍ତେ ଦୃଢ ଭାବରେ ଏକ ସାଥିରେ ଆୟୋଜିତ
ବଳବାନ ଗଣ୍ଡି ଦ୍ୱାରା ।

ଏହାକୁ ଅନୁଭବ କରିବାପାଇଁ
ନିଜକୁ ଲୋଭ କରିବାକୁ ହେବ
ପ୍ରବଳ ଅଭିଳାଷ
ନିରବଚ୍ଛିନ୍ନ ପ୍ରଚେଷ୍ଟା ଆରମ୍ଭ କର
ଏକ ସମୃଦ୍ଧ ଯାତ୍ରାର ଅଭିମୁଖେ
ଏବଂ ଅପେକ୍ଷା କରିବାର କାରଣ କାହିଁକି
ଅଲଗା ହେବାଠୁ ଅଧିକ ଯନ୍ତ୍ରଣା ଦାୟକ ।

ମା' ମୋର ରହିବାର ପ୍ରବଳ ଇଛା
ଏହି ଆବେଗ ଭରା ବ୍ରହ୍ମାଣ୍ଡରେ
କିନ୍ତୁ ଅନେକ ସମୟରେ ଡରଲାଗେ
ଯଦି ମୋ ବ୍ୟାକୁଳତା
ମୋ ବିକାଶରେ ବାଧା ଉପୁଯାଏ,
କିମ୍ବା ହୋଇପାରେ ଆବେଗ ନିଜର
ରାସ୍ତା ଖୋଜିନିଏ
କାରଣ ଭଗବାନଙ୍କଠୁ ଉପହାର ମିଳିଥିବା ପ୍ରେମ
ଏତେ କଟକଣା ଯୁକ୍ତ ହୋଇପାରିବନି
ଯେ ମୁଁ ଅନ୍ୟମାନଙ୍କ ସହ ବାଟିଂ ପାରିବିନି
ମୋ ପ୍ରିୟଜନମାନଙ୍କୁ ଭିଜାଇ ପାରିବିନି
ଏହାର ସୁଗନ୍ଧରେ ।

ମୁଁ ସଂଯୋଗ ହେବାକୁ ଚାହୁଁଛି
ସମସ୍ତଙ୍କ ଭାବନା ସହିତ
ମୁଁ ହରି ନେବାକୁ ଚାହୁଁଛି

ସମସ୍ତଙ୍କ ଦୁଃଖକଷ୍ଟ
ମୁଁ ଆତ୍ମସମର୍ପଣ ହେବାକୁ ଚାହୁଁଛି
ସମସ୍ତଙ୍କ ନିବେଦନ
ଏଥିପାଇଁ ମୋତେ ଆଶ୍ଚର୍ଯ୍ୟ ଲାଗେ
ମୁଁ କାହିଁକି ଭସ୍ମ ହେଉନି
ଏହି ଚିରନ୍ତନ ଜ୍ୱଳନ୍ତ ଆବେଗରେ ।

ତୁମେ ଦେଖି ପାରୁଥିବ ମା'
କେମିତି ଅପେକ୍ଷାର କ୍ଷଣ
ମୋତେ ଯାତନା ଦେଉଛି ?
ଏଇଟା କ'ଣ ଜରୁରୀ ଯେ ପ୍ରତ୍ୟେକ ମନ୍ଥନ
ସକରାତ୍ମକ ପରିଣାମ ଆଣି ଦେଇଥାଏ ?
ଯଦି ଏମିତି ତା'ହେଲେ ଏହା ନିଃସ୍ୱାର୍ଥପର କେମିତି ।
ମୁଁ ଶକ୍ତ ହେବାକୁ ଚାହୁଁଛି
ସମସ୍ତ ଆତ୍ମାକୁ ଛୁଇଁବାକୁ ସମର୍ଥ ହେବାକୁ ଚାହୁଁଛି
ପ୍ରେମର ବୀଜ ବୁଣିବାକୁ ଚାହୁଁଛି
ସବୁ ଶୁଷ୍କ ହୃଦୟ ଭିତରେ ।

ମୁଁ ଦୀପ ପ୍ରଜ୍ୱଳିତ କରିବାକୁ ଚାହୁଁଛି
ସମସ୍ତ ଦୁର୍ବଳ, ସ୍ୱପ୍ନହୀନ ଆଖିରେ
ମୁଁ ବେଗକୁ ପ୍ରଜ୍ୱଳିତ କରିବାକୁ ଚାହୁଁଛି
ସମସ୍ତ ଶୃଙ୍ଖଳା, ଗତିହୀନ ପାଦରେ
ମୁଁ ନୀରବ ସାଗରକୁ ହଲାଇ ଦେବାକୁ ଚାହୁଁଛି
ଆବେଗକୁ ଆହୁଲା ମାରି ବାହିନେବି
ନୀରବରେ ବହି ଯାଉଥିବା ଲହରୀ ଭିତରକୁ ।

ମା',
ମୁଁ ସମ୍ପୂର୍ଣ୍ଣ ବଶତା ସ୍ୱୀକାର କରିବାକୁ
ଅପେକ୍ଷା କରିଛି ।
ମୁଁ ଅସୀମ ବିକାଶର ପ୍ରତୀକ୍ଷା କରିଛି
ମୁଁ ଆତ୍ମନିହିତ ହେବାକୁ ପ୍ରତୀକ୍ଷା କରିଛି
ଭାବନାରେ ଭିଜି
ଏକ ଛୋଟ ପିଲା ପରି ବର୍ଷାରେ ଡେଇଁବାକୁ
ଏବଂ ବର୍ତ୍ତମାନ ପାଇଁ ବଟିଂବାକୁ ।

ମା' ମୋର କୌଣସି ଅନୁରୋଧ ନାହିଁ
ଅନ୍ୱେଷଣ କରିବାର ଅନୁଗ୍ରହ ନାହିଁ
ମୋର କେବଳ ଆଲିଙ୍ଗନ କରିବାର ଇଚ୍ଛା
ପ୍ରେମରେ ପରିପୂର୍ଣ୍ଣ ଏ ବ୍ରହ୍ମାଣ୍ଡ
ମୁଁ ଏଇ ଚମତ୍କାରିକ ଅସ୍ତିତ୍ୱର ମନରେ ଚିତ୍ରଣ କରୁଛି
ନିଜ ପାଇଁ ନୁହେଁ
କିନ୍ତୁ ଆପଣଙ୍କ ସହ ମିଶି
ଏବଂ ଏଥିପାଇଁ ବିଶେଷ ଭାବେ ବ୍ୟାକୁଳ
ଉତ୍ସାହୀ ଆସବାବ ପାଇଁ ।

ମୁଁ ପ୍ରତୀକ୍ଷାର ଯନ୍ତ୍ରଣାକୁ ସ୍ୱୀକାର କରୁଛି
ଅତ୍ୟଧିକ ମାନସିକ ଓ ଶାରୀରିକ ଯନ୍ତ୍ରଣା ମୋତେ
ଶକ୍ତିଶାଳୀ କରାଉଛି
ଦୁଃଖର ସହିତ ନୀରବତା
ଧ୍ୟାନ ଅଟେ
ଆଖପାଖରେ ଅନ୍ଧାର
ନିଜ ଦ୍ୱାରା ସୃଷ୍ଟି
ସମ୍ବନ୍ଧିତ ଅସୁବିଧା
ମୋର ଘାତକ ଆକର୍ଷଣ ।

ଏ ଅପେକ୍ଷା ମୋ ଇଚ୍ଛାର ବାହାରେ
ଏବଂ ଏଥିପାଇଁ, ମୋର କୌଣସି
ଅଭିଯୋଗ ନାହିଁ
ଆପଣଙ୍କ ଦ୍ୱାରା ଦିଆଯାଇଥିବା କୌଣସି ମୁହୂର୍ତ୍ତ ପ୍ରତି
କିନ୍ତୁ ହଁ ଗୋଟିଏ କଥା ଅବ୍ୟକ୍ତ ରହିଯାଏ
ତୁମେ ନୀରବ କାହିଁକି ହୁଅ ନାହିଁ
ମୋ ଭିତରେ ଚାଲୁଥିବା ବିଶୃଙ୍ଖଳା
ମା' ତୁମେ କ'ଣ ସ୍ୱଟିକରଣ ଦେବାକୁ ଏଡଉକି
ସତ୍ୟ ମୋତେ ବୁଡାଇଦେବ ତୁମେ ଏଥିପାଇଁ ଡରୁଛ ?
କିମ୍ବା ସଂଶୟ ଚିନ୍ତାର ବାହାରେ
ଅନ୍ୟ କାହାକୁ ସୁରକ୍ଷିତ ରଖିବା ପାଇଁ
ଯଦି ଏମିତି
ତୁମେ କ'ଣ ନିଜର ଭଲ ବିଷୟରେ ଜାଣିନ ?

ଯେ ତୁମେ ମୋ ସତାର ମୂଳ
ତେଣୁ ମୋତେ କାହିଁକି ଆଗକୁ ଠେଲୁଛ
ଅବାଧ ପରିସ୍ଥିତି ସହ ଆଜି ।

ମା' ମୋତେ ମୁକ୍ତ କରିଦିଅ
ସନ୍ଦେହ ଓ ନିରାଶାରୁ
ଭୟ ଓ ଉଦ୍‌ବେଗରୁ
ବିଜୟ ଏବଂ ପରାଜୟରୁ
ମାଲିକାନାରୁ, କ୍ଷତିରୁ
ସବୁକିଛିରୁ ମୋତେ ସବୁଦିନ ପାଇଁ
ମୁକ୍ତି କରିଦିଅ ।
ଯେତେବେଳେ ଭବିଷ୍ୟତ / ଅଜଣା ଘଟଣା
ଜାଣିପାରିବାର ଅଲୌକିକ ଶକ୍ତି ମୋ ପାଖରେ ଥାଏ
ଏ ଅନିଶ୍ଚିତତା କାହିଁକି ?
ଆମର ବିବେକ କାହିଁକି
ଏକ ଖଣ୍ଡିତ ସମାଜର ଦାସ ହୋଇଯାଏ
କିମ୍ବା ଏମିତି ହିଁ କ'ଣ ଜୀବନ ବଚିଂବାକୁ ହୁଏ ?

ହୃଦୟ କ୍ରନ୍ଦନ କରିଥାଏ
ପାଳନ କରିବା ଲାଗି କେହି ନାହାଁନ୍ତି
ମୋତେ କ'ଣ ପାଇଁ ତୁମେ ତ୍ୟାଗକରି ଦେଉଛ ?
ମୁଁ କ'ଣ କରିଛି, ମା'
ଯେ ମୋତେ ଏହିପରି ଭାବେ ଶାସ୍ତି ଦେଉଛ ?
ତୁମେ ମୋତେ ଏତେ ଶକ୍ତିହୀନ କାହିଁକି କରିଦେଉଛ ?
କିମ୍ବା ମୋର ପରୀକ୍ଷା ନେବାର, ଏଇଟା
କ'ଣ ଏକ ମାଧମ ।

# କୋମଳ ଦୃଷ୍ଟି

ବିଶ୍ୱ ଆଜି ପାଲୋଟିଛି ଏକ ଛୋଟିଆ ସ୍ଥାନ
ମଣିଷ ର କୃତିତ୍ୱର ପରିଭାଷା
ଅନ୍ତର ଦୂରତାର ଘଟିଅଛି ଅବସାନ
ବିଜ୍ଞାନର କୌଶଳ ବ୍ରହ୍ମାଣ୍ଡର ଚିତ୍ରରାଜି
ଚାରି କାନ୍ଥେ ସୀମିତ ସେ
ଆଦରରେ ମଣିଷ ଦେଖେ ଆଜି ।

ଏହାକି ବୁଦ୍ଧିମନ୍ତା ହେବ ଯଦି
କ୍ଷୁଦ୍ର ଯନ୍ତ୍ର ଅନ୍ତରଙ୍ଗତା ସୃଷ୍ଟି କରିବ
ପ୍ରହେଳିକା ବା ବାସ୍ତବତା
ଯନ୍ତ୍ର ସୃଷ୍ଟି ଘନିଷ୍ଠତା କି ବିଦିତ ହେବ
ଏହି ଭାବନା ସୂଚେଇ ଦେଉଛି
ଅତିଶୟ ମମତା ନା
ଷଡଯନ୍ତ୍ରର ଦୃଷ୍ଟତା ।

ଭାବନାର ଚିତ୍ରକୁ ଆଜି
ଶବ୍ଦ ଆଉ ଚିତ୍ରିତ କରୁନି
ଶବ୍ଦ ପତ୍ରଲେଖା ଧିରେ ବିଲୀନ ହେଲାଣି
ମୂଲ୍ୟବାନ ଇତିହାସ ଫାଙ୍କା କେଜାଣି
ବିଗତ ସ୍ମୃତି ସବୁ କାଗଜରେ ଆଉ ଆବଦ୍ଧ ହୋଇନି ।

ଏହା କେବେ ବିଜ୍ଞତା ହେବ
ବିଜ୍ଞାନ ର ଯଦି ମହତ୍ୱ କମିବ
ଭିଡ ଭିତରେ ଯଦି କେହି ଡାକ ଟେ ଦିଏ
ଆପେ ଆପେ ନଜର ଟାଣି ତ ହୁଏ
କେବେ କେବେ ଡାକ ଆମ ପାଇଁ ନଥାଏ

ଜଣାଶୁଣା କାନ୍ଦ ଭାବି ମନ
ଭ୍ରମରେ ସିନା ପ୍ରଫୁଲ୍ଲିତ ହୁଏ
ତିକ୍ତହୋଇ ଦୃଷ୍ଟି ଯେ ହଟେ
ଏହା କ'ଣ କେବେ
ବିଜ୍ଞାନ ସୃଷ୍ଟ ଫୋନ୍ ରେ ଘଟେ ?

ଦୃଢ଼ ଶିଷ୍ଟତା କେବେ ପୁଣି ପରିଭାଷା ହୁଏ
କେବେ କେବେ ପୁଣି ଶବ୍ଦ ପାରେନା
ଭାବ ପ୍ରବଣତା ଅବ୍ୟକ୍ତ ରହେ
କେବେ ପୁଣି ପରିବର୍ତ୍ତିତ ସ୍ୱର ଓ ଶବ୍ଦ
ହାରିଯାଏ ସେମିତି ଭାବନା
ନିରବତା ର ଭାଷା ପଶୁ ବି କହୁଛି
ବ୍ୟକ୍ତ କରିଛି ଅନ୍ତର ଭାବନା
ମଣିଷ ଠାରୁ ବି ଅଧିକ ସୁନ୍ଦର
ସ୍ପର୍ଶ ଭାଷା ଆଉ ଭାଷା ଆଖି ର ।

ବାହ୍ୟ ଆକର୍ଷଣ ବିନା
ମଣିଷ ଭାବନା ଶୂନ୍ୟ ହୋଇଯାଏ
ଛଳନା ଦୁନିଆଁ ଭଙ୍ଗା କଳ୍ପନା
ପରିତ୍ୟକ୍ତ ନିରାଶ ର ଜୀବନ କାହିଁକି ମଣିଷ ଯିଏଁ,
ପଶୁ ନୁହେଁ ଆମ ଭଳି ଛଳନା ରେ ଭାବିବା
ସ୍ୱତଃ ପରିବ୍ୟକ୍ତ ନିର୍ମଳ ଭାବନା
ଆପେ ଆପେ ପ୍ରକାଶ କରିବା ।

ମା' ଖୋଜେ ଆଜି
ବାହ୍ୟ ବସ୍ତୁ ଆଦି
ପିଲା ଙ୍କ ଆନନ୍ଦ ପାଇଁ
ମାତୃତ୍ୱ ର ଆଜି କ୍ଷମତା ଲିଭିଛି
ବାହ୍ୟ ଆକର୍ଷଣ ପ୍ରଭୁତ୍ୱ ପାଇଛି
ମା'ର ମମତା କାହିଁ ।
ଶିଶୁ ର ଅବ୍ୟକ୍ତ ଭାଷା ପରିବ୍ୟକ୍ତ
କୋମଳ ଦୃଷ୍ଟି ଆଉ କୋମଳ ପରଶ
ଉନ୍ମୋଚିତ କରେ ହୃଦୟ କନ୍ଦର
ଆଖିର ପରିଭାଷା ର ସଂଯୋଗ

ବିନା ଶବ୍ଦେ ଯଥେଷ୍ଟ ସେ ଚାହାଣି
ଭେଦିବାକୁ ଆତ୍ମାର ଗଭୀରତମ ପ୍ରଦେଶ ।

ବିଶ୍ୱ କି ହଜେଇ ଦେବ
ପ୍ରକୃତିର ଦୁର୍ଲଭ ଉପହାର
ବିଜ୍ଞାନର କୌଶଳ ଛଡେଇ କି ନବ
ନୟନର ଚମତ୍କାର
ଆଉ କିଛି ଆଖି ର ସମ କି ହେବ
ଚାହାଣି ରେ ଅନ୍ତର କୁ ପ୍ରକାଶିବ ।

ଉଜାଣି ହୃଦୟ ଭାବନାକୁ
ଆଖି ବି ରୁଦ୍ଧିତ କରିଦିଏ
ଅମାନିଆ ଲୁହକୁ ବି ଆୟତକରି
ତଥାପି ଇଏ କି ସଂଯୋଗ
ଅଜଣା ପରଦେଶୀ ହୃଦୟର
ଭଗ୍ନତାକୁ ମାପିଦିଏ ।

ଅପେକ୍ଷାର ଶବ୍ଦନ୍ୟାସ ବି ପ୍ରତିଫଳିତ କରେ
ଜିତିଥିବା ପ୍ରତ୍ୟେକ ମୁହୂର୍ତ୍ତକୁ
ଆଉ ଭବିଷ୍ୟତର ନିର୍ଘଂଟକୁ
ଭଲ ଠାରୁ ବି ଭଲ ତା' ଶରୀର ର ଯନ୍ତ୍ରଣାର ପ୍ରକାଶ
ଯାହା ସେ ନୀରବରେ ଜଣେଇ ଦିଏ
ଶକ୍ତ ନିକ୍ଷୋପିତ ଶବ୍ଦ ବି ହାରିଯାଏ
ଯାହା ତୃପ୍ତକରେ ଅପେକ୍ଷାର
ନିରବତାର ଭାଷା ।
ଆମ୍ଭେ କି ଶିଖିଛନ୍ତି ପୁସ୍ତକର ଭାଷା
ବୁଝିବାକୁ ସେହି ଶାନ୍ତତାର ପରିବ୍ୟକ୍ତ
ବିଶ୍ୱର ଆଜି ସକଳ ମନୁଷ୍ୟ
ଭାଷାର ଉର୍ଦ୍ଧ୍ୱରେ ସଂସ୍କୃତି ଉର୍ଦ୍ଧ୍ୱରେ
ବୁଝିଛି ନୀରବ ଭାଷା
ଏହା କି ରହସ୍ୟମୟ ?

ଭାଗ୍ୟବାନ ଏହି ସୃଷ୍ଟିର ମଣିଷ
ଆଶିଷ ପାଇଛି ବୁଝିବ ଅପରିବ୍ୟକ୍ତ

ତଥାପି ଦୁଃର୍ଭାଗ୍ୟ ବୁଝୁନାହିଁ କିଛି
ବାହ୍ୟବସ୍ତୁ ପରେ ନିଜକୁ କରିଛି ନ୍ୟସ୍ତ
ଜାଣିଛି ବୁଝିଛି
ବସ୍ତୁ ପରିବ୍ୟକ୍ତ ଭାଷା ଯେ ସୀମିତ
ଜଟିଳ ଭାବନା ଅଜସ୍ର ସୃଜନ
ତଥାପି ଭରଷା କରିଛି ।

ଚୌଦିଗେ ଯେତେବେଳେ ପ୍ରତିଧ୍ୱନିତ
ହେଉଥିଲା ପର୍ବ ପାଳନର
ସେତେବେଳେ ମୁଁ ବାଦନ କରୁଥିଲି
ଭାବନାର ତନ୍ତ୍ରି କୁ
ନିଃସୃତ ହେଉଥିଲା ଅନନ୍ତ ଅନ୍ତର ର ସ୍ୱର
ଦେଶବ୍ୟାପି ଶୁଭେଚ୍ଛୁ ମାନଙ୍କର ଭିଡ
ଜମିଥିଲା ଶିବିର ପ୍ରାନ୍ତରେ ।

ମା' ଅତୀବ ପ୍ରଚେଷ୍ଟା ପ୍ରବଣ
ଆୟୋଜନ ପାଇଁ ଇଛା ହେଉଛି ସଭି ମନ
ଅକ୍ଳାନ୍ତ ହରଷ ଉତ୍ସାହୀ ଶଶ୍ରମ
ଦିବାରାତ୍ର ଘେନି କର୍ମର ଆଜି ଫଳ ଯେ ମିଳିଛି
ଯୁବ, ବୃଦ୍ଧ, ବନ୍ଧୁ ସଭିଏଁ ମିଳିଛୁ
ତୃପ୍ତିବାକୁ ଶୁଭେଚ୍ଛୁ ସୁମନ ।

ସେମାନଙ୍କ ସେବା ଶ୍ରମ ଜାତିର ହିତରେ
ପ୍ରେରଣା ଦେଇଛି, ଆତ୍ମ ଭରଷା ତୋଳିଛି
ଆଖି ତାଙ୍କ ଉଛୁଳି ଉଠିଛି ଉତ୍ସର୍ଗ ପଣରେ
ଅନ୍ତର ର ଆନ୍ତରିକତା ଉଯାଣି ବହୁଛି
ସମାଜ, ଜାତି ଆଉ 'ସଂଘ' ସେବାରେ ।

ଶିରୋଧାର୍ଯ୍ୟ କରେ ମା'ଗୋ ତୁମ ଅବଦାନ
ହେ ମୋର ପ୍ରିୟ ମା'
ତୁମରି ଆଶିଷେ ଶିଖିଛି ମୁଁ ପରୋପକାର
ତୁମ ବିନା କି ମୁଁ
ଜୀବନକୁ କରିଥାନ୍ତି ସହୃଦୟେ ଆଲିଙ୍ଗନ ।

ତୁମ ବିନା ତୁମ ଅନୁପ୍ରାଣେ କି ମୁଁ ବଚିଂଥାନ୍ତି
ସହି କିବା ତିକ୍ତ ଆଦ୍ରତା
ଲେଖି କି ପାରିଥାନ୍ତି ଦୁଇ ଶବ୍ଦ
ବସି ଏହି ଜଙ୍ଗଲ ପରିବେଷ୍ଟିତ ଶିବିର
କିଛି ଏଣୁ ତେଣୁ ଭାବନା ଆଉକିଛି ବ୍ୟସ୍ତତାକୁ
ପଦ ପଂକ୍ତିରେ ଆବଦ୍ଧ କି ତୁମ ବିନା କରିଥାନ୍ତି ।

# ମହାନ ଦୃଢତା

ମା' ମୁଁ ବାସ୍ତବିକ୍ ଆଶୀର୍ବାଦ ଯୁକ୍ତ,
ଚାରିଦିନ ହେବ ମୁଁ ଖାଇନାହିଁ
କି ଶୋଇନାହିଁ
କାରଣ ପରିସ୍ଥିତି ପାଇଁ ଆଂଶିକ
ହୁଏତ ମୋ ନିଜ ପ୍ରତିଜ୍ଞା ବଦ୍ଧତା ପାଇଁ
କିନ୍ତୁ ମୁଁ କ୍ଲାନ୍ତ ଅନୁଭବ କରିନାହିଁ ମାତ୍ର ।

ଗତ ରାତି ଆଖିର ପଲକ ମୁଁ ପକାଇନାହିଁ
ତଥାପି ମୋ ହୃଦୟରେ ଆନନ୍ଦ ଭରପୁର
ଏହା କ'ଣ ସମ୍ଭବ ହୋଇପାରିବ
ଆପଣଙ୍କ ବିନା ଆଶୀର୍ବାଦ ରେ ।

ସବୁ ରାତିରେ
ସ୍ୱେଚ୍ଛାସେବୀମାନେ ଅଧିକ ସଂଖ୍ୟାରେ ଆସନ୍ତି
ଏବଂ ସକାଳୁ ସକାଳୁ
ଶିବିର ଉଦ୍‌ଘାଟନ କରନ୍ତି
କି ଅସାଧାରଣ ଏ ଅଟେ
ଯାହାକି ଏକ ଆଧୁନିକ ଅନୁଭୂତି
ଅନେକ ଙ୍କ ପାଇଁ ଏବଂ
ପସନ୍ଦଯୋଗ୍ୟ ମଧ ସମସ୍ତଙ୍କ ପାଇଁ ।

କେତେକ ସମୟରେ ମା' ମୁଁ ଅନୁଭବ କରେ
ଯେ ଏହା ଭଲ ଯେ ଯଦି ତୁମ କଥା ବାସ୍ତବ ନହୁଏ
ତୁମେ ମୋର ଯତ୍ନ ନେଇଥାଅ, ନାହିଁ କି ?
ଏଥର ପୁନର୍ବାର, ଏହା ସେହି ଏକା ଗଳ୍ପ ଥିଲା ।
ମୁଁ ହିସାବ କରେ, ଇଚ୍ଛୁକ ସ୍ୱେଚ୍ଛାସେବୀମାନେ
ଅନ୍ୟ ଅପେକ୍ଷା ଭିନ୍ନ ଅଟନ୍ତି

ହଁ, ସୁବିଧାଗୁଡିକ ସୂଚାରରୂପେ ସଜଡା ହୋଇଥାଏ
ମୁଁ ଯେତେ ସଂଖ୍ୟା ଆଶା କରିଥିଲି - ତାହା ସତ୍ୟ ହେଲା ।
ସମୁଦାୟ ସ୍ୱୟଂ ସେବକ
ବହୁକଷ୍ଟରେ ନଅ ଶହ ମାଗିଥିଲେ ।

ଆପଣଙ୍କ ଆଶୀର୍ବାଦ ଫଳରେ
ଆଗ୍ରହୀମାନେ ଯାହା ପରିସ୍ଥିତି ଥାଉପଛେ
ଆଗ୍ରହ ସହିବାରେ
ସକଳ ବଦ୍ଧତାର ଫଳ ପାଇନଥାନ୍ତି ।

ଯୌବନ ଏଠାରେ ଉତ୍ସବ ମୁଖର
ପ୍ରବଳ ଥଣ୍ଡାରେ ଏମାନେ ଏକତ୍ରିତ
ଆନନ୍ଦ ସରିବାରେ ଏକାଠି କାର୍ଯ୍ୟ କରନ୍ତି
ସେମାନଙ୍କ ପାଖରେ ସୁବିଧା ନଥିଲେ ମଧ
ତଥାପି ସେମାନେ ଆନନ୍ଦ ମୁଖର ।

ସେଠାରେ ସମ୍ଭାବନା ଅଛି, କାରଣ ବିଶ୍ୱାସ ଅଛି
ମାତୃଭୂମି ପ୍ରତି ଅନୁରକ୍ତି ଅଛି
ସେମାନଙ୍କର ସଂକଳ୍ପ ଭାଙ୍ଗିଯାଏନି ।

ଯେତେବେଳେ ହତାଶ ଚାରିଆଡୁ ଘେରିଯାଏ
ଯୁବକ, ବୃଦ୍ଧ ଓ ପିଲାମାନଙ୍କ ଠାରେ ।

ବିଜୟର ବିଶ୍ୱାସ ଭରିଦିଏ
ତାଙ୍କର ନିର୍ଦ୍ଧାରିତ ରାସ୍ତାରେ
ନିର୍ଦ୍ଧାରିତ ଚିନ୍ତା, ଅତୁଟ ପ୍ରେମ
କ'ଣ ଆଶ୍ଚର୍ଯ୍ୟ ନୁହେଁ କି
କେହି କ'ଣ ଏହି ପ୍ରେମର ଶିକ୍ଷା ଦିଏ ?
ଆନ୍ତରିକତା କ'ଣ ଅନୁଭବ କରିହୁଏ ?
ବ୍ୟକ୍ତିଗତ ଦୁଃଖରେ କ'ଣ ଭାଙ୍ଗିପଡେ
ଭାଷା କ'ଣ ଏହାର ବାଧା
ନା, କାରଣ ପ୍ରେମ ଜୀବନର ମୂଳମନ୍ତ୍ର
ପ୍ରତି ମୁହୂର୍ତ୍ତରେ ଏହା ଅନ୍ତରକୁ ଛୁଏଁ ।

ତା'ପରେ ଜୀବ ସୃଷ୍ଟି
ନିଜ ଠାରୁ ସମସ୍ତଙ୍କ ପର୍ଯ୍ୟନ୍ତ
ଏହା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିସ୍ତାରିତ
ମନକୁ ଦୃଢ଼ କରିବାପାଇଁ
ଏହା ସାମଗ୍ରିକ ଆଦୃତ ।

ଏହା କେବଳ ଯେବେଠାରୁ ତୁମ ଆତ୍ମାକୁ ଧରିଛି
ଚାରିଆଡେ ସମସ୍ତଙ୍କୁ ଆକର୍ଷିତ କରି
ତୁମର ଯାତ୍ରା ଫଳପ୍ରସୂ ଓ ସୁଗନ୍ଧିତ ହୁଏ ।

ଏହା କେବଳ ମାତ୍ର ଯେତେବେଳେ
ତୁମ ବିନା ଦ୍ୱିଧାରେ ନିଜକୁ ସମର୍ପି ଦେଇଥିଲ
ଯେତେବେଳେ ତୁମେ ଶାଶ୍ୱତ ଶାନ୍ତି ଅନୁଭବ କରିଥିଲ
ଆଉ ଅପାର ଆନନ୍ଦ ଅଜାଡି ଦେଇଥିଲ
ମୋ ମନରେ, ଏହା ସମ୍ପୂର୍ଣ୍ଣ ମିଶ୍ରଣର ଫଳ
ଯେତେବେଳେ ତୁମେ ଶ୍ରେଷ୍ଠ ଦୃଢତା ଉପଲବ୍ଧି କରିଥିଲ ।

ଅବିଶ୍ରାମ ଭାବରେ ସ୍ୱପ୍ନ ଦେଖିବା
ଏବଂ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର ଗଠନ କରିବା
ଆଶା କରିବା ସୂକ୍ଷ୍ମରୁ ସ୍ଥୂଳ ଆଡକୁ
ଶୃଙ୍ଖଳା ସହିତ ଅନୁଷ୍ଠାନକୁ ଗଢି ତୋଳିବା ।
ଏହା ଏକ ନୂତନ ଯାତ୍ରାର ଆରମ୍ଭ ମାତ୍ର
ଯେଉଁଠାରେ ଶାନ୍ତି ବିନା ବନ୍ଧନ
ଆଉ ପୂଜା ବିନା ମନ୍ଦିର
ଯେମିତି ବିବେକାନନ୍ଦ କହିଥିଲେ
ଅବହେଳିତ ମାନଙ୍କର ଆଶାର ପରିପୂରଣ
କେବଳ ମାତ୍ର ସତ୍ୟ ଓ ବାସ୍ତବ ଶକ୍ତି ଅଟେ ।

ହଁ, ତୁମେ ଏଠାରୁ ଏକ ପ୍ରସ୍ଫୁଟିତ ଜୀବନରେ ପଦାର୍ପଣ କରିବ
ଏଠାରୁ ଏକ ଉଜ୍ଜ୍ୱଳ ଆଲୋକ ଚକ୍‌ମକ୍ କରିବ
ଏଠାରୁ ଶାଶ୍ୱତ ବା ଚିରନ୍ତନ ଐଶ୍ୱରିକ ଅନ୍ୱେଷଣ ଫୁଟି ଉଠିବ
ସେହି ନୂତନ ମିଳନ, ନୂଆ ଆଶାର ମଞ୍ଜି ବୁଣିଦେବ
ଖାଲି ମୁକ୍ତ ଆଖିରେ ନୂତନ ସ୍ୱପ୍ନ ଭରିଦେବ ।

ଏହା ହିଁ ଜୀବନ
ଏଣୁ ପ୍ରତ୍ୟେକ ଆଖିର ସ୍ୱପ୍ନ
ପ୍ରତ୍ୟେକ ହୃଦୟର ପ୍ରଜ୍ଜ୍ୱଳିତ ବହ୍ନି
ଚାଲ ଦେଖିବା, କେମିତି ଅନେକ ହୃଦୟ
ଏହି ବହ୍ନିକୁ ବିଶାଳ ଦୃଢ଼ତା ପ୍ରଦାନ କରିଥାଏ ।

# ହୃଦୟ ଏକ ମନ୍ଦିର

(୮ ଡିସେମ୍ବର, ୧୯୮୬)

ଆଜି ହେଉଛି ଶିବିର ର ଦ୍ୱିତୀୟ ଦିନ
ଏକ ବ୍ୟସ୍ତ ବହୁଳ ଆୟୋଜନର
ଚାରିଆଡେ ଉତ୍ସାହ
ପ୍ରତ୍ୟାଶାରେ ଭରା ଆଖି
ସୁନିଶ୍ଚିତ ବିଚାର ନେଇ
ଦୁଇ ଉଦ୍ଦେଶ୍ୟ ନିହିତ ଦିନ କାଟିବା ।

ଆଜି ଯେଉଁ ମୁଖ୍ୟ ଅତିଥି ପ୍ରତ୍ୟାଶିତ
ତାଙ୍କ ସ୍ୱାଗତରେ କୌଣସି ବିଶେଷ ଯୋଜନା ନାହିଁ
ସେ ଅନ୍ୟମାନଙ୍କ ପରି ପହଚିଂଛନ୍ତି
ତଥାପି ତାଙ୍କର ନିଶ୍ଚିତ ଉପସ୍ଥିତ ଏକ ଆଭା ଖୋଲାଇ ଦେଇଛି
ସ୍ୱୟଂ ସେବକ ଙ୍କ ଭିତରେ ଉତ୍ସାହ ଭରିଦେଇଛି ।

ସେମାନେ ତାଙ୍କର ପ୍ରତିଟି କାର୍ଯ୍ୟକଳାପକୁ ଦେଖୁଛନ୍ତି
ତାଙ୍କର ପ୍ରତିଟି ଶବ୍ଦକୁ ଧ୍ୟାନରେ ଶୁଣୁଛନ୍ତି
ତାଙ୍କ ସହିତ ସଂଯୋଗ ହେବାର ଉତ୍ସୁକତା ଅଛି
ଏବଂ ଏଠାରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତି
ସେହି ପ୍ରକାର ଅନୁଭବ କରୁଛନ୍ତି ।

ମୋ ପାଇଁ ଏହା ଏକ ନିଆରା ଅନୁଭବ
ନୂଆ ଦାୟିତ୍ୱ ସମ୍ଭାଳିବା ପରେ
ମୁଁ ଆଦରଣୀୟ ବାଲା ସାହେବକୁ ଭେଟୁଛି
ପ୍ରଥମ ଥର ପାଇଁ
ଶିବିରରେ ପହଚିଂବା ପରେ
ମୋର ପ୍ରଥମ ପ୍ରଶ୍ନ

ଆପଣଙ୍କର ନୂଆ ଗ୍ରାହସ୍ଥ୍ୟ ଜୀବନ ଓ
କର୍ତବ୍ୟ କେମିତି ଚାଲିଛି ?
ମୁଁ ଆଶ୍ଚର୍ଯ୍ୟ
ତାଙ୍କ ପରି ଜଣେ ବ୍ୟସ୍ତଲୋକ ମନେ ପକାଇବା
ଏଇଟା କ'ଣ ଦର୍ଶାଉଛି
ଥରେ ଯେବେ ଆମେ କଥାବାର୍ତା
ଆରମ୍ଭ କରୁ, ଅବଶ୍ୟ
ପ୍ରଶ୍ନର ହିମସ୍ଖଳନ ଘଟିଥାଏ ।

ପୁଲିସ୍ ରିପୋର୍ଟ କ'ଣ କହୁଛି ?
ଗଣମାଧ୍ୟମ କ'ଣ କହୁଛି ?
ଆପଣ ସର୍ବସାଧାରଣରେ ସମ୍ବୋଧନ
କରିଥିଲେ କି ?
ଯଦି ନୁହେଁ, ତା'ହେଲେ କାହିଁକି ?
ବହୁତ ସାରା ପ୍ରଶ୍ନ
କିମ୍ବା ଏମିତି କହିବାକୁ ଗଲେ
ମୋର ଅନେକ ପ୍ରତ୍ୟାଶା ।

ମା', ମୁଁ କ'ଣ ସେ ସବୁ ପୂରା କରିପାରିବି ?
ମୁଁ କ'ଣ ତାଙ୍କ ଉପରେ ବିଶ୍ୱାସ ରଖିବି ?
ସମର୍ପିତ ପରିଶ୍ରମର ସହ
ମୁଁ କ'ଣ କଥା ରଖିପାରିବି ?
ମୋର ଅତୁଟ ବିଶ୍ୱାସ ଅଛି
କିନ୍ତୁ ଉଚ୍ଚ ପ୍ରତ୍ୟାଶା ମଧ୍ୟ ।

ଆଜି ଗୁଜୁରାଟ ଚର୍ଚ୍ଚାର କେନ୍ଦ୍ରସ୍ଥଳ
ପୁରା ଦେଶର ନଜର କେନ୍ଦ୍ରୀଭୂତ
ଆମର ଅଭିନବ ଅଭିସନ୍ଧାନ ଉପରେ
ମୁଁ ଜାଣିନି ମୁଁ ଉଠିପାରିବି କି ନାହିଁ
ସେମାନଙ୍କ ଧାରଣା ସହ ମୋ ଧାରଣା ମିଶିବାରେ ।

କିଛି ପଦକ୍ଷେପ ସମ୍ଭବ ନୁହେଁ
ତୁମ ହସ୍ତକ୍ଷେପ ବିନା ମା'
ବେଳେବେଳେ ମୋତେ ପ୍ରତିବିମ୍ବ ହେଉଛି

ତୁରନ୍ତ ଲାଭ ଆଉ କ୍ଷତିରେ
ବେଳେବେଳେ ମୁଁ ବିଚାର କରେ
ଆଚରଣରେ ଲଗାତର ତ୍ରୁଟି ।

ମୁଁ କ'ଣ ପର୍ଯ୍ୟାପ୍ତ ପ୍ରଚେଷ୍ଟା କରୁଛି ?
ନିଜକୁ ବିକଶିତ କରିବାପାଇଁ
ଲଗାତର ପ୍ରୟାସ ଜାରି ରଖିଛି
ସେହି ଦିଗରେ
କିନ୍ତୁ, ମୁଁ କ'ଣ ସବୁବେଳେ ସକ୍ଷମ
ହୋଇପାରିବି
ବଡ ପରିପ୍ରେକ୍ଷଣ ମାପିବାରେ ।

ମୁଁ କ'ଣ ସାମୂହିକ ସ୍ୱରକୁ ବୁଝିପାରୁଛି
ଯଦି ନୁହେଁ, ତା'ହେଲେ, ସେଥିରୁ ଫଳ ମିଳିବନି
ମା', ମୁଁ ନିଶ୍ଚିତ ଭାବେ ମୋ ଭିତରେ ଏକ
ଝଡ ଅନୁଭବ କରୁଛି
କିନ୍ତୁ ସେ ତୋଫାନ ଏଯାଏଁ
ସାମନାକୁ ଆସିନି ?

ସମସ୍ତେ ମୋ ନୂଆ ଭୂମିକା ଉପରେ
ଆକଳନ କରୁଛନ୍ତି
ସମସ୍ତଙ୍କ ମନରେ କମ୍ ହେଉକି
ବେଶୀ କିଛି ବସିଗଲାଣି
ଆଶ୍ଚର୍ଯ୍ୟ ଆଉ ଅବିଶ୍ୱାସ ଶାନ୍ତ ହୋଇଗଲାଣି
ଏବେ ପ୍ରତ୍ୟାଶା ଆରମ୍ଭ ହୋଇଛି
ଅସଂଖ୍ୟ, ଅନେକ ଶୁଣି, ତୀବ୍ର ଧାରଣା ସବୁ
ଜୀବନରେ ଏକ ନୂଆ ଭୂମିକାରେ ଆରମ୍ଭ ।
ମୁଁ ଏକ ଅନ୍ତ ନଥିବା ସଂଘର୍ଷ ପାଇଁ ପ୍ରସ୍ତୁତ
ମୋର ପନ୍ଦର ବର୍ଷର ଯାତ୍ରାକୁ
ଅର୍ପଣ କରିବାପାଇଁ ପ୍ରସ୍ତୁତ
ଏହା ଆଗକୁ ଯିବାପାଇଁ ଏକ ଆହ୍ୱାନ
ବିଚାରଧାରାର ଏକ ବସିୟତ୍ ।

ସ୍ୱପ୍ନର ନିକଟତର ହେବା ସହଜ ନୁହେଁ
ମୋର ଭ୍ରମ ତୁଟିବାର ଡର
ଓଢ଼ଣୀ ଉଠିବାର ଡର
ଦୀର୍ଘଦିନ ହେବ ସଚିଂତ ହୋଇଥିବା
ଧୂଳିକୁ ସଫା କରିବା
ପ୍ରବଳ ପସନ୍ଦ ଆଉ ନାପସନ୍ଦର
ଆସବାବ ପତ୍ରରୁ ।

ମୁଁ ଆହ୍ୱାନ ସ୍ୱୀକାର କରୁଛି
ଏବଂ ମୁଁ ତୁମର ଆଶୀର୍ବାଦ ଲୋଡୁଛି
ମୋ ଭିତରେ ଶକ୍ତି ଭରିଦିଅ
ମୋ ଭିତରେ ବିଶ୍ୱାସ ଭରିଦିଅ
ଯେ ମୁଁ ହଲିବି ନାହିଁ
ମୋ ପ୍ରତିଶ୍ରୁତିରେ ।

ଆଜି ଏକ ଭୟଶଙ୍କ ଦିନଥିଲା
କିନ୍ତୁ ବାଲା ସାହେବ ବହୁତ ପ୍ରେରଣାଦାୟକ ଥିଲେ
ଅନେକ ସ୍ୱୟଂ ସେବକ ତାଙ୍କୁ ଭେଟୁଥିଲେ
ପ୍ରଥମ ଥର ପାଇଁ
ଆଉ ସେମାନେ ସମସ୍ତେ ଅତି ଖୁସିଥିଲେ ।

ନିତିଦିନର ଦିନଚର୍ଯ୍ୟା ପାଇଁ ସମୟ
ନଥିଲା, ଆଜି
କୌଣସି ପତ୍ର ବିନିମୟ ନାହିଁ
କୌଣସି ପତ୍ରର ଜବାବ ନାହିଁ
ଏତେ ବ୍ୟସ୍ତ ଏବଂ ପୂର୍ବ ବ୍ୟସ୍ତ ।

# ନୂଆ ଜୀବନର ଅନ୍ୱେଷଣ

(୯ ଡିସେମ୍ବର, ୧୯୮୬)

ଶିବିର ର ଶେଷଦିନ
ଗତକାଲି ପର୍ଯ୍ୟନ୍ତ ନିଜକୁ ନ ବୁଝିବାର ଅବଶୋଷ
ପ୍ରତ୍ୟେକ ମିନିଟ୍‌କୁ ଉପଯୋଗ କରିବା
ଆଜି ସେହି ମୁହୂର୍ତ୍ତ ଉପନୀତ
ଯେଉଁଠାରେ ନିଜକୁ ବୁଝିପାରିବାର କ୍ଷମତା ନିହିତ ।

ଧିର ଜୀବନ ଶାନ୍ତ ଜୀବନ
କ୍ଷଣସ୍ଥାୟୀ ଅର୍ଥପୂର୍ଣ୍ଣ ଜୀବନ
ତଥାପି କ'ଣ ପାଇଁ ନିଜକୁ ବୁଝାଇ ହୁଏନା
ନିଜକୁ ସଂଯୋଗ କରି ହୁଏନା
ଯନ୍ତ୍ରଣା, ପ୍ରତିଜ୍ଞା, ଅନ୍ୱେଷଣ
ଏବଂ ନିଜକୁ ପରିପ୍ରେକ୍ଷଣ କରିବା ।

ଏଇବୋଧେ ଜୀବନ, ଯେ ପଥ ପ୍ରଦର୍ଶକମାନଙ୍କୁ ନେଇ
ଜୀବନକୁ ଗଢ଼ିବା
ବିକ୍ଷିପ୍ତ ଦିଗରୁ ପ୍ରେରଣା ହାସଲକରି ଆଗକୁ ବଢ଼ିବା
ତଥାପି କିଛିମାତ୍ରାରେ ବୁଝିବାର ଅଭାବବୋଧ
ଯେଁ ଜିତିବାର ଅଦ୍ୟମ ଇଚ୍ଛାକୁ ନେଇ ଆଗକୁ ବଢ଼ିବାକୁ ହେବ
ଶକ୍ତି କ୍ଷଣସ୍ଥାୟୀ ହେଲେ ବି
ଜୀବନକୁ ଗଢ଼ିବାକୁ ହେବ ମା'
କାରଣ ସମସ୍ତେ ଚାହାଁନ୍ତି ଜୀବନରେ କିଛି ହାସଲ କରିବାକୁ
ମୁଁ ବ୍ୟତିକ୍ରମ ନୁହେଁ ।

ଏହା ହିଁ ଘଟିବାର ନଥିଲା
ମୂଳଦୁଆ ଶକ୍ତ ମୋର
ମୁଁ ଏବେ ପ୍ରସ୍ତୁତ ନିଜକୁ ବୁଝିବାର ରାସ୍ତାରେ
ଥରେ ବୁଝି ସାରିଲେ
ମୁକ୍ତ ହୋଇଯିବି
ଏ ସଂକୀର୍ଣ୍ଣ ଚିନ୍ତାଧାରାରୁ ।

ଝଡ ଝଞ୍ଜା ତ ଆସିବ
ଆମର ବିଶ୍ୱାସକୁ ଭାଙ୍ଗି ଦେବାକୁ
ତଥାପି ଇତସ୍ତତଃ, ବାରବୁଲା ହୃଦୟଟା
ଅନେକ ସ୍ୱପ୍ନକୁ ଜାବୁଡି ଧରି ଆଗକୁ ବଢିବାର
ଜିଦ୍‌ରେ ଅଟଳ, ଏହାଛଡା ଅନ୍ୟ ରାସ୍ତା ନାହିଁ ।

ଉଦାସୀନତାକୁ ଆପଣାର କରି ଭୁଲ୍ ରାସ୍ତାରେ ଯିବା
ଏବଂ ନିଜକୁ କୋଳାହଳ ପରିବେଶରେ ହଜାଇ
ନିଜେ ହଜିଯିବା, ଜୀବନ ନୁହେଁ ।

ଆଜି ଗୁରୁତ୍ୱପୂର୍ଣ୍ଣ ଦିନଟିଏ
ନୂଆ ରାସ୍ତାରେ ଯିବା
ଏବଂ ପ୍ରଗତିର ରାସ୍ତାରେ ପାଦ ଥାପିବା
ନୂଆ ଦିଗରେ, ନୂଆ ସାଥି, ନୂଆ ସମାଜ
ଏଇତ ଆରମ୍ଭ ନୂଆ ଜୀବନର
ଏବେ ସମୟ ପଛକୁ ନଚାହିଁ
ଚେତନାର ସ୍ତରକୁ ମଜବୁତ୍ କରି
ଶୁପ୍ତ, ନିଦ୍ରିତ ହୃଦୟକୁ ତ୍ୟାଗକରି ଆଗକୁ ଚାଲିବା ।

ଝରଣାର ମିଠା, ମଧୁର ପ୍ରବାହ
ଯଦିତ ସମୁଦ୍ରର ସମକକ୍ଷ ନୁହେଁ
ଏ ସାରା ସଂସାରକୁ ଖୁସି ଦେବାକୁ
ତଥାପି ଏମାନେ ସମକକ୍ଷ, ସମର୍ଥ
ଏ ବନ୍ଧ୍ୟା, ଅନୁର୍ବର ମାଟି ମା'କୁ ଖୁସିର ମାହୋଲ
ଦେବାକୁ, ନୂଆ ଜୀବନ ଦେବାକୁ
ଆମକୁ ହୃଦୟକୁ ଛୁଇଁ, ଆମକୁ ସାନ୍ତ୍ୱନା ଦେବାକୁ ।
ଏହି ଝରଣାର ସ୍ରୋତ ବିରାଟ, ବ୍ୟାପ୍ତ ନୁହେଁ

ଏବଂ ବିରାଟ ଢେଉର ବୋଟ୍ ବୋହିବାକୁ ଅସମର୍ଥ ମଧ
ନଦୀର ବନ୍ୟା ଜଳପରି ଗର୍ଜନ କରି ନ ପାରିବାର ଅବଶୋଷ
ନିଜକୁ ସମାଜ ଆଗରେ ପ୍ରଦର୍ଶିତ କରିବାର ଅନିଛା
ପ୍ରବଳ ଗତିରେ ଆଗକୁ ମାଡି ଚାଲିବାର ଅନାସକ୍ତ ଭାବ
ଏତେସବୁ ଅଭାବ ବୋଧ ଭିତରେ
ଆତ୍ମତୃପ୍ତିର ମହାଆନନ୍ଦ ଭାବର ପରିପ୍ରକାଶ
ଏଇତ ଜୀବନ ।

ଏ ଆମକୁ ଶିଖାଏ ଜୀବନ କ୍ଷଣଭଙ୍ଗୁର ହେଲେ ବି
ନିଜେ ଅବିରତ ଭାବରେ ଆଗକୁ ବଢିବାର ଇଛା
ଜାଗ୍ରତ ରଖି, ମଧୁର ଭାବକୁ ଜାଗ୍ରତ ରଖି
ହୃଦୟରେ ସ୍ନେହ ରଖି, କାହାଠାରୁ ଆଶା ନରଖି
ନୀରବ ଭାବରେ ଆଗକୁ ପାଦ ବଢାଇ
ପ୍ରଗତିର ରାସ୍ତାରେ ପାଦ ଥାପିବାକୁ ।

ମା' ଏଇତ ଜୀବନର ନିଷ୍ଠୁର ସତ୍ୟ
ତଥାପି ମୋତେ ଝଡ ଝଞ୍ଜାକୁ ସାମ୍ନାକରି
ଏକ ନୂଆ ଜୀବନ ଆରମ୍ଭ କରିବାର ଅଭାବ ବୋଧ
କ'ଣ ପାଇଁ କେଜାଣି ବିଶୃଙ୍ଖଳିତ
ତଥାପି ନୀରବ ଏବଂ ନିଜ ଧ୍ୟାନକୁ
କେନ୍ଦ୍ରୀତ କରିବାର ପଣ ନିହିତ ।

ମୁଁ ଜାଣେ ମା' ଏ ଶରୀର, ଆତ୍ମା
ଏକ ନୂଆ ଦିଗରେ ଅଗ୍ରସର
ନୂଆ ଅଭିନୟ, ନୂଆ ପୋଷାକରେ
ଶରୀର, ହୃଦୟ, ଆତ୍ମା
ନିଜକୁ ପ୍ରଚାର ସମ୍ଭାବନାରେ
ପରିପୂର୍ଣ୍ଣ କରି ଆଗକୁ ବଢିବାର ଜିଦ୍‌ରେ ।
ମା' ତୁମର ଆଶୀର୍ବାଦରେ
ପୁଣିଥରେ ଚେତନା, ଭାବନାକୁ ମଜବୁତ୍ କରି
ମୁଁ ସଚେତନ ହେବି
ଏବଂ ନିଜର ଚେତନା ସ୍ତରକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇ
ନିଜକୁ ମନସ୍କ କରି
ମୋର ଆତ୍ମାକୁ ତୁମ ସହ ସଂଯୋଗ କରିବାକୁ ।

କେଉଁପରି ଭାବେ ଏ ଦୁନିଆଁ
ଏ ବିଶ୍ୱ ମୋର ଉପଲବ୍ଧିକୁ ଜାଣିବ
ମୁଁ କ'ଣ ଗୁରୁତ୍ୱହୀନ
ମୋର ହୃଦୟ ଆପଣଙ୍କ ସହ ଯେତେ
ସମୟ ଅଧିକ ରହିବ
ଅବରିତ ଭାବରେ
ପୂର୍ଣ୍ଣଇଚ୍ଛା ସହ
ମୋ ବିଶ୍ୱାସ ତୁମ ଉପରେ
ଯେ ଏହା ମୋତେ ସଂକଟରୁ ରକ୍ଷାକରିବ ।

# ପାରଦୀୟ ସମୟ

ଗୋଟେ ପକ୍ଷୀର ବସା ଭାଙ୍ଗିଲା ଭଳି
ସବୁକିଛି ଯାଇଛି ଅଲଗା ହୋଇ
ଏବଂ ଅସମତୁଲ ହୋଇ ।

ଗତକାଲି ପର୍ଯ୍ୟନ୍ତ
ଥିଲା ଗୋଟେ ଏହା ପବିତ୍ର ସ୍ଥାନ
ଏକାଠି ହେଲେ ସବୁ ପାଆନ୍ତି ସମ୍ମାନ
ଧ୍ୟାନ କରିବା ପାଇଁ ।

ଆଜି ଏହା ନ ଦେଖାଯାଇ ମଧ
ଦେଖି ବିଶୃଙ୍ଖଳାକୁ
ସତେ ଯେପରି ବନ୍ୟା ଧୋଇନେଇଛି କି ?

ଯଦି ମୋ ଆଖିରେ ଥାନ୍ତା
ସୁଦିଗ, ମୋ ମା'
ମୁଁ ସେ ଅନନ୍ତ ଆନନ୍ଦକୁ ସାଇତି ଥାଆନ୍ତି
ଅମା ଆସିବାର ସ୍ୱର୍ଣ୍ଣ ଅମାରରେ
ସୂର୍ଯ୍ୟଭରି ଥାଆନ୍ତେ ସମୟ ଚିରଦିନ ..... ।

ଯାହାହେଉ, ଏହା ଆମ ଜୀବନର
ଗୋଟିଏ ଅଂଶ
ବେଳେବେଳେ ଅମାଦର ମହାନନ୍ଦତ
ବେଳେବେଳେ ବିଷାଦର ସାଗର
ସମୟ ମୁଁ ପାଏ, ଆଉ ଆଦରି ନିଏ ମସ୍ତକରେ
ସବୁ ଆଗତୋଇ ଯାଏ ଅମାନତରେ ।
ଗୋଟେ ଅଲଗା ଏବଂ କଷ୍ଟକୁ
ମୁକାବିଲା କରିବା ପାଇଁ

ସମୟେ ସମୟେ ଉତ୍ସବ
ସମୟେ ବିଧ୍ୱଂସ ବା ଲୋକଶୂନ୍ୟ
ସମୟେ ସମୟେ ସମୟକୁ ଅପେକ୍ଷା ।

ବିଦାୟ ସମୟରେ
ବେଳେବେଳେ ସଂଳାପ
ବେଳେବେଳେ ଯତ୍ନପୂର୍ବକ ବିଚାର
ତେଣୁ ବହୁତ ଖୋଲା ମେଲା ମନଭାବ ।

ଯେହେତୁ ଆଶା ଆଉ ନିରାସା ବଳୁଛି
ମୁଁ ହୃଦୟଙ୍ଗମ କରୁଛି ଦୁଇଭାଗର ଧାରା
ଏହା ସମ୍ଭବ କି ? ଖୋଲେଇ ହେବାର ସ୍ଥିତି ।

ନୁହେଁ ତ ଏହା ଗୋଟିଏ ନୂଆ ଆରମ୍ଭ
ଅନ୍ତର ର ବିବାଦ, ଏହା ସମ୍ଭବ କି ?
ଭବିଷ୍ୟତ କହିବା ଏହା ନୂଆ ଗଢା ସମୟର ମାର୍ଗ ।

ସମୟ ହିଁ ମୂଳଦୁଆ ପକାଇବ
ନିଷ୍ଚିତ କରିବ ସାମର୍ଥ୍ୟ ଗଠନ
ଗୋଟେ ନୂତନ ଗଢଣୀର ..... ।

ମା' ଆଜି ଥିଲା ମିଳନ
ମୁଁ ଅଳ୍ପ କହିଲି
ଗହଳି ଭିତରେ ମୁଁ ଏକା ଅନୁଭବ କଲି ।

ସ୍ୱର ବିଷୟ ଓ କାରଣ ବଳି ପଡୁଥିବା ନାରୀ
ଶିକାର ହେଉଥିବା ଆଭାରୀ
ମୋ ଉପସ୍ଥାପନାକୁ ଅଣଦେଖା କରାଗଲା
ଆଉ ମିଳିଲା ଯନ୍ତ୍ରଣା, ରାଗ, ଦୃଢୋକ୍ତି
ମୁଁ ଚକିତ ହେଉଛି କାହିଁକି ?
ହୃଦୟରେ ଅତିରୁ ଇତି ହେଉଛି ଦୁଃଖ
କାହିଁକି ମୁଁ ବଖାଣି କରିପାରିଲିନି ?
ମୋ ମା' ..... କୁହ ..... ।

ହୋଇପାରିବ କି ସତ ତାହା ଯେତେବେଳେ
ମଣିଷ ଶୋଷଣ ତା' ନିଜ ଭିତରେ
ଏହା ସମୟ କି ବଖାଣିବାର ଜୀବନ
ଜୀବନକୁ ପବନ ଭଳି
ବାକ୍ଷୀବାକୁ ପବନ ତାହାପାଇଁ ।

ମା' ତୋ ଆଶୀର୍ବାଦର ସତ
ମୁଁ ଆକାଂକ୍ଷାକୁ ଧରି ରଖିଛି ସବୁ .....
ମୁଁ ସେହି ଅନୁକମ୍ପା, ଅନୁଭବ କରିବାକୁ
ଚାହେଁ ସବୁବେଳେ ଆଉସବୁ ସମୟରେ
ସମସ୍ତଙ୍କ ପାଇଁ ..... ।

# ସମୟ ଯାତ୍ରା

ବେଳେବେଳେ
ସମୟ ଗତିକରେ ବିନା ଶବଦରେ
ବେଳେବେଳେ
ଏହା ପାହାଡ ଭଳି ବିଛେଇ ହୋଇଥାଏ
ମୋ ଛାତିରେ
ବୋଝ ହୋଇ ତଉଲିଥାଏ ।

ମୋତେ ଜଣାନଥିଲା
କି ସମୟର ମଧ କଟାଂ ଅଛି
ଏହା ଫୋଡିଦିଏ ଏବଂ କଷ୍ଟଦିଏ
ଆଘାତ ଆଚୁଂଡାର ରକ୍ତ ବହୁଥାଏ
ଏ ଛାତିରୁ ।

ବେଳେବେଳେ
ସମୟ ମଧ ବେଶି ମହକିଥାଏ
ଏବଂ ସରଳରେ ସରଳରେ ଗତି କରୁଥାଏ
ପ୍ରସ୍ଥାନ କରେ ଅବଶିଷ୍ଟ ସୁଗନ୍ଧ
ବିନା ସ୍ପର୍ଶରେ ବିନା ଲକ୍ଷଣରେ ।

ମଣିଷ ଆୟତ କରିଛି ସମୟକୁ
ଘଟାଂର କଟାଂକୁ ବ୍ୟବହାର କରି
ଏକାଠି କରିଛି କିଛି ଛୋଟଛୋଟ
ଯାନ୍ତ୍ରିକ ସଂଯୋଜନାର ସହିତ
ଗଢ଼ିଛି ଗୋଟିଏ ଯନ୍ତ୍ର
ଏବଂ ବେଳେବେଳେ ଏହା କେଉଁ ସ୍ଥାନରେ
ସମୟ ନିଶ୍ଚିତ ନିଜ ଭିତରେ ବନ୍ଧା ।

ନିଜର ନିରବତା ମଧ୍ୟରେ
ନିଜର ସ୍ଥିରତା ମଧ୍ୟରେ
ନିଜର ଚଳନା ମଧ୍ୟରେ ।

ସେହି ମୃଦୁତର ସ୍ଥିତି
ସ୍ପର୍ଶହୀନ ଏବଂ ଗଚ୍ଛିତ
ଏ ଏକ ମୂର୍ତ୍ତି ଭଳି
ବେଳେବେଳେ ଦେଖାଯାଏ
ତ ବେଳେବେଳେ ଦେଖାନଯାଏ ।

କେତେ ଏହିପରି ମୁହୂର୍ତ୍ତ
ଆମ୍ଭ ଜୀବନରେ
ଆମ୍ଭ ସମାଜରେ
ଆମ୍ଭ ଜାତିରେ
ପାରିବା କି ଆମ୍ଭେ ବର୍ଣ୍ଣନାକରି ଅମର ଭଳି ?

ବୋଧେ ସେହି ମୁହୂର୍ତ୍ତ
ପ୍ରତ୍ୟେକ ଙ୍କ ଜୀବନରେ
ଉପସ୍ଥାପନୀୟ ହୋଇଥାଏ
ଏହାର ତିବ୍ରତା ସମ୍ପୂର୍ଣ୍ଣ ନିର୍ଭୁଲ ।

କେତେକ ସମାନତା ଘଟିଥାଏ
ମଣିଷ ହୃଦୟରେ
ଯେତେବେଳେ ଥୋପା କାକର ପଡେ ।

ଏକାଠି ହୋଇଥିବା ହଠାତ୍ ବର୍ଷା
ଖୋଜୁଥାଏ ଆଶ୍ରୟ ନିଜ ଭିତରେ
ଯେପରି ଗୋଟେ ଶାମୁକା ।

ଆଜନ୍ମ ପରିବର୍ତନ ଗୋଟେ ମୁକ୍ତାକୁ
ରୂପାନ୍ତରିତ ଗୋଟେ ମୁକ୍ତାକୁ
ହୋଇଥାଏ ଚିର ଅମର ।

କିନ୍ତୁ ଏହି ଘଟଣା
ହୃଦୟରେ ପ୍ରେମର ଉତ୍ସାହ
ପ୍ରବଳ ସାମୁଦ୍ରିକ ଆପତି
ଥରିବାର ଏକ କାତି ଭଳି
ଅନୁସନ୍ଧାନ କରେ ଉଦ୍ଦେଶ୍ୟକୁ
ଯାହା କଠୋର ।

ଧାସ ହୋଇଥାଏ, କଠିନ ଏବଂ ତୀବ୍ର
ଜାଳିଥାଏ ଅତୀତ, ବର୍ତମାନ ଆଉ ଭବିଷ୍ୟତକୁ
ଯେଉଁଠାରେ ସବୁ ଗୁଡା ହୋଇଥାଏ
ଫାଁସରେ ପଡେ
ଯେଉଁଠାରେ ଆଖିଦେଖେ ଆତ୍ମାକୁ
କେବେ ଶେଷହୁଏ ନାହିଁ ଏତ ଏକାଠି ନିଷ୍ଠା
ଏକ ମୁହୂର୍ତ, ଏକା ପରିବର୍ତନର
ସମୟ ହୁଏ ଚିର ଅମର ।

ସମୟକୁ ଦରକାର ଅଟକିବା
ସମୟକୁ ଦରକାର ତୀବ୍ର ହେବା
ଦରକାର ଗୋଟେ ସମୟରେ
ସ୍ଥାୟୀହେବା ଆଉ ମହାଆନନ୍ଦ ହେବା ।

ଏକ ସମୟରେ କେବେକେବେ
ସମୟକୁ ଦରକାର
ଭାବନାର ଭାରରେ ହଜିଯିବା ।

ମା' ମୁଁ ମଧ କାମନାରେ
ବିନୟ କରିବି ସମୟକୁ
ମୋ ଜୀବନକୁ ଅବରୋଧ କରିଛି
ଏହି ମୁହୂର୍ତ ।

ମୁଁ ଚାହେଁ ଖସିବାକୁ
ସମୟର କାକରରେ
କରିବାକୁ କଠିନ ରାସ୍ତା
ମୋ ପଥକୁ ସୁଦୃଢ କରିବାକୁ ।

ଏବଂ ତାହା ହୁଏ ତଥାପି
ମୁଁ ଜୀବନର ସମୟରେ
ଭାସି ବୁଲିବି
ଅପେକ୍ଷା କରିଛି ଖୋଜି
ପାଇବାକୁ
କିଛି ସମୟ, କେଉଁ ସ୍ଥାନରେ ମଧ୍ୟ ।

# ଶୂନ୍ୟତା ସୃଷ୍ଟି

ସେଠାରେ ଏକ ସ୍ୱଚ୍ଛତା ପ୍ରତୀୟମାନ
ଏକ ପଦ୍ୟର .....
ଗୁଜୁରାଟର ଦୁର୍ଭିକ୍ଷ ପରି
ସମୟେ ସମୟେ ସେଠାରେ ଉତ୍ପାଦନ
କିନ୍ତୁ ସୃଷ୍ଟି ନିଶ୍ଚୟ ନୁହେଁ ।

ଉତ୍ପାଦନର ପ୍ରକ୍ରିୟା ହେଉଛି
ପାତ୍ରରେ କଚାଂମାଲ ଯୋଗ କରିବା
କିନାରା ପର୍ଯ୍ୟନ୍ତ ପୂର୍ଣ୍ଣ କରିବା
ତା'ପରେ ବୋଚାମ ଚିପିବା ।

ଯଦି ଯନ୍ତ୍ରଟି କଲମ କିମ୍ବା ପେନ୍‌ସିଲ୍
ବର୍ଣ୍ଣମାଳାର ଛାଚଂକୁ ପତନ କରିବା
ସେଗୁଡିକ ଆକୃତି ନେବାକୁ ଲକ୍ଷ୍ୟ କରିବା
ସାମୂହିକ ଶବ୍ଦ ଭିତରକୁ ..... ।

କ୍ରମଶଃ .....
ସେମାନଙ୍କ ସମ୍ଭାବ୍ୟ ଉପରେ ନିର୍ଭର କରିବା
ଶବ୍ଦଗୁଡିକୁ ପ୍ରସାରିତ କରିବା
ଦୀର୍ଘ ବାକ୍ୟ ଗୁଡିକରେ ..... ।

ଯେତେବେଳେ କଚାଂମାଲ ନିଃଶେଷ ହୋଇଯାଏ
ତେଣୁ ଉତ୍ପାଦନ ହୋଇଥାଏ
ଉତ୍ପାଦନ ହେଉଛି ଏକ ଅବିଚ୍ଛିନ୍ନ ପ୍ରକ୍ରିୟା
ଏହା ହେଉଛି ଦୁର୍ଭାଗ୍ୟଜନକ ଯେ ଆମ୍ଭମାନଙ୍କ ମଧ୍ୟରୁ ଅଧିକ
ଉତ୍ପାଦନକୁ ସୃଷ୍ଟିର ଭ୍ରମ କରିଥାନ୍ତି ।
କାରଣ .....

ସେହିସବୁ ଅଭ୍ୟସ୍ତ
ଶିଶୁମାନଙ୍କୁ ଦୁଧ ଚୂର୍ଣ୍ଣରେ ଲାଳନପାଳନ କରିବାରେ
କେବେ ବି ସୃଷ୍ଟି ବୁଝି ନପାରିବା ..... ।

ସୃଷ୍ଟି କରିବା .....
ତୁମେ ନୀରବତାକୁ ଅତିଉଚ୍ଚ କରିବା ଦରକାର
ତୁମେ ବିଶାଳତାକୁ ଗ୍ରାସ କରିବା ଦରକାର
ତୁମ ଅଭ୍ୟନ୍ତରରେ ଦିଗ୍‌ବଳୟ .....
ତୁମକୁ ତୁମ ଭିତରେ ଦେଖିବା ଦରକାର
ତୁମର ଚକ୍ଷୁ ପ୍ରଶସ୍ତ ଉନ୍ମୁକ୍ତ ..... ।

ଶବ୍ଦଗୁଡିକୁ ଅନ୍ୱେଷଣ ନ କରିବା
ବର୍ଣ୍ଣମାଳା ଧ୍ୱନିର ମେଳ ନହେବା
ହୃଦୟ ଆହ୍ଲାଦିତ କିନା
କିମ୍ବା ଏହା ବିଳାପରେ ..... ।

ପ୍ରାଚୁର୍ଯ୍ୟ ପ୍ରଚଣ୍ଡ କୋପ
ମହାସାଗର ପରି ପ୍ରହାର କରିବା
ଲୁଣିଆ ତରଙ୍ଗ ପୀଡାଦେବା ।

ତୁମର ଚକ୍ଷୁ ..... ତୁମର ଜିହ୍ୱା .....
ଏବଂ ତୁମେ ଚିତ୍କାର କରି ଉଠିବ ।

କ'ଣ ଯଦି ସମାନ କଷାଘାତ
ତୁମର ହୃଦୟ ?
ତତ୍ପରେ ମହାସାଗର ତୁମ ଅଭ୍ୟନ୍ତରରେ ପ୍ରବେଶ କରିବା
ଏବଂ ତୁମେ ଶବ୍ଦର ନୌକାକୁ ଦୋହଲିବା
ଆହୁଲା ବିନା ..... ।
ଏପରି ଚରମ ମୁହୂର୍ତ୍ତେ
ସମୟେ ..... ସମୟେ
ସୃଷ୍ଟିର ଶୈଶବାସ୍ଥା ହୋଇଯିବା ।

# ପଥ ଏକମାତ୍ର

ପ୍ରତ୍ୟୁଷରୁ ପ୍ରଦୋଷ
ଏକ ସୁଯୋଗ ସମ୍ଭବ
ଭେଟିବା ଓ ପରିଚିତ ହେବା
କେତେକେତେ ଭିନ୍ନ ମଣିଷ
କିନ୍ତୁ କେତେଜଣ ହୃଦୟର ବନ୍ଧୁ
ଓ କେତେଜଣ ବନ୍ଧୁତ୍ୱ ସମ୍ପର୍କ ପାଇଁ ଲାଳାୟିତ ।

କେତେ ଅସ୍ୱଚ୍ଛ ବିଚଳିତ ନୁହେଁ କି ?
ଏଠି ମଣିଷ ହଜିଯାଏ ନିଜ ଆତ୍ମା ଅନୁସନ୍ଧାନରେ
କିମ୍ବା ସୁବିଧାବାଦୀ ହୋଇ ଆତ୍ମକେନ୍ଦ୍ରିକ ହୋଇ
ଫାଇଦା ଉଠାଏ ଅନ୍ୟର
ଚାରିଆଡେ ଦେଖାଯାଏ ବ୍ୟଥିତ ହୃଦୟର ବିଳାପ
ଓ ବିଷାଦର ବିଭୀଷିକା
ମଣିଷ ଖୋଜେ ହୃଦୟର ନିର୍ଜନତା
ସେ ଅଭିଳାଷ ରଖେ ହାସଲ କରିବାକୁ
କିନ୍ତୁ ସେ ଯେତେ ପାଏ
ଯେତେ ସ୍ୱପ୍ନ ଦେଖେ
ସେହି ଚକା ଭଉଁରୀ ର ହୁଏ
ପୁରୋରମ୍ଭ
ଏହି ଚିରାଚରିତ ଧାରା ପାଇଁ
ଆମେ ଉଦ୍ଭାବନ କରୁ ଏକ ସ୍ନିଗ୍ଧ ନାମ
"ସମ୍ପର୍କ"
କେବେକେବେ ଘନିଷ୍ଠ
କେବେକେବେ ସୌଜନ୍ୟମୂଳକ ନୁହେଁ
ବେଳେବେଳେ ଏକ ବନ୍ଧୁ ତ,
ବେଳେବେଳେ ଏକ ପ୍ରେମିକା ।

ଶବ୍ଦର ଆବର୍ତ୍ତରେ
ମଣିଷ ଶୋଷଣ କରେ ମଣିଷକୁ
ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ
ଅବା ନିଜର ଚିର ଇପ୍ସିତ ଲକ୍ଷ୍ୟକୁ ସାଧନା କରିବାପାଇଁ ।

କ୍ଷମତା ପାଇଁ
ସେ ଧାରଣ କରେ ଛଦ୍ମବେଶୀ ପୋଷାକ
ଆତ୍ମସମର୍ପଣର ଉପର ଠାଉରିଆ ଭାବନେଇ
ସେ ଅଭିଳାଷ ରଖେ ଅଧିକାର କରିବାକୁ ଅଧିକ ।

ମା' ମଣିଷର ହୃଦୟ କ'ଣ ଏମିତି ନିଷ୍ଠୁର ହୋଇ ଚାଲିଥିବ ?
ମଣିଷ କ'ଣ ଆଶାକୁ ଦମନକରି ଏକ ଶାନ୍ତ, ସରଳ,
ନିରାମୟ ଅନାସକ୍ତ ଜୀବନ ବଚିଂବା ପାଇଁ
ପ୍ରତିଶ୍ରୁତି ବଦ୍ଧ ହୋଇପାରିବ ନାହିଁ
ସଂଘର୍ଷକୁ ସମାପ୍ତ କରିବାପାଇଁ ।

ଆତ୍ମସନ୍ତୋଷ ହିଁ ଜୀବନର ମୂଳମନ୍ତ୍ର
ଏବଂ ସେ ଯଦି ଜୀବନର ପ୍ରତ୍ୟେକ ରୂପକୁ
ଆଲିଙ୍ଗନ ନକରେ
ତା'ହେଲେ କ'ଣ ହେବ ଏ ସବୁର ଭାଗ୍ୟ ?

ଆଜି ସେ ଚେଷ୍ଟାରୁ ନିବୃତ
ଅହଙ୍କାର ରୁ ଉର୍ଦ୍ଧ୍ୱକୁ ଉଠି
ନିଜର ମାୟା ପୃଥିବୀ ରୁ ମୁକ୍ତ ହେବାପାଇଁ
ତା'ହେଲେ ଜୀବନ କ'ଣ କେବଳ ଆତ୍ମାସେବା ପାଇଁ ?

ଏଥିପାଇଁ କ'ଣ ତାକୁ ବୟସର ଅପରାହ୍ନକୁ
ଯିବାକୁ ପଡେ ଧର୍ମର ଦୁଆରକୁ
ନା, ଏହା ହୋଇପାରେ, ସେ ଛଳନାର ବୁଢୀଆଣି ଜାଲ
ତିଆରି କର ତା'ର ମରିଚୀକା ରୂପ ଧାରଣା କରିବାକୁ ।
ସେ ପାରୁ ପର୍ଯ୍ୟନ୍ତ ଚେଷ୍ଟାକରେ
ତା'ର ବ୍ୟକ୍ତିତ୍ୱକୁ ରକ୍ଷାକରିବା ପାଇଁ
ଛଳନା କରେ ଦେବାର କିନ୍ତୁ
ବାଟ ତିଆରି କରେ ହାସଲ କରିବାପାଇଁ

ତା'ହେଲେ କାହିଁକି ଅବସନ୍ନ ବୟସରେ
ସେ ଧର୍ମକୁ ସାରଥି କରେ ।

ପୂର୍ବେ ମଣିଷ ମଣିଷର ଦୁର୍ବଳତାର
ନେଉଥିଲା ସୁଯୋଗ
ବର୍ତ୍ତମାନ ସେ ଧର୍ମକୁ ମାରେ
ଆଖିଠାର ।

ମା' ମୁଁ ମଣିଷ ଜାତିକୁ ଆଲିଙ୍ଗନ କରେ
କୌଣସି ଆଶା ପ୍ରତ୍ୟାଶା ନରଖି
ମୋତେ ଶକ୍ତି ଦିଅ, ଏହା ମୁଁ କରିପାରେ
କିଛି ନଦେଇ, କିଛି ନନେଇ
କିଛି ଶବ୍ଦର ଚକ୍ରବ୍ୟୁହ ମଧରେ ନ ଫସି ।

ମା' ମୋତେ କୌଣସି ପ୍ରମାଣ କରିବାକୁ ନାହିଁ
କେବଳ ଇଚ୍ଛା ଆତ୍ମସମର୍ପଣ କରିବି
ବିନା ଭୟରେ ।

ଏହା ହିଁ ଏକମାତ୍ର ରାସ୍ତା
ଉତ୍କର୍ଷ ସାଫଲ୍ୟ ଅର୍ଜନ ପାଇଁ
କାରଣ ମୋ ପାଇଁ ମଣିଷ କେବେ
ପଣ୍ୟଦ୍ରବ୍ୟ ହୋଇନପାରେ ।

# ବ୍ୟଥିତ ବିଳାପ

ପ୍ରଫୁଲ୍ଲିତ ଚିତ ପ୍ରଭାତ ପ୍ରହରୁ
ମୋର ଶାରୀରିକ ଅବସନ୍ନତାକୁ ଦୂରକରି କେଉଁ ଏକ ଶକ୍ତି
ଇଚ୍ଛାହୁଏ ଏହା ହିଁ ହୁଅନ୍ତା ମୋର ମା'ର ମାନସିକ ଯନ୍ତ୍ରଣା
ସହ କିନ୍ତୁ ସମ୍ଭବ । ତୁମେ ଆସିଲେ ମା' ।

ଏବଂ ଏପର୍ଯ୍ୟନ୍ତ ହୃଦୟର କେଉଁ ନିଭୃତ କୋଣରୁ
ମୁଁ ଶୁଣିପାରେ ବ୍ୟଥିତ ବିଳାପ
କାହିଁକି ଡିସେମ୍ବର ୩ୟ ଓ ୪ର୍ଥ ର ସେ ବିଭୀଷିକା
ମୋ ମାନସ ପଟ୍ଟରେ ଦୋଳାୟିତ ହୁଏ
ଦିନ କଟିଯାଏ ବିଭ୍ରାନ୍ତ ମାନସିକତାରେ
ରହିଯାଏ ଭୟ ।

କ'ଣ କିଛି ଅଦ୍ଭୁତ ଚମତ୍କାର ଘଟୁଛି ମୋ ଚାରିପଟେ
ମୁଁ ଅନୁଭବ କରିପାରୁଛି କିଛି ଭୟଙ୍କର
କିଛି ବଳପୂର୍ବକ ଅପହରଣ କିମ୍ବା କିଛି ଚୋରି ।

ମା' ପ୍ରଶ୍ନର ଅନୁକ୍ରମ ହୃଦୟରେ ଅଙ୍କୁରୋଦମ ହୋଇ
ସୃଷ୍ଟିକରିଛି ଏକ ବୁଢିଆଣୀ ଜାଲର ଭ୍ରମ
ଏହି ପ୍ରଶ୍ନସବୁ ଅକାରଣ ଅପ୍ରାସଙ୍ଗିକ ନୁହେଁ
ହୃଦୟର ଏହି ତୀବ୍ର ଯନ୍ତ୍ରଣାର କୌଣସି ଆଧାର ନାହିଁ ।

ଏହା ନିଶ୍ଚିତ ଯେ ଏହା ତୁମ ନିର୍ଦ୍ଦେଶ
ତଥାପି ମୁଁ ଯେ ମରଣଶୀଳ
ଦିନକୁ ଦିନ ହୁଏ ଦୁର୍ବଳରୁ ଦୁର୍ବଳତର
ନା ସବୁବେଳେ ହୋଇପାରେ ସମର୍ଥ
ନା ତୁମର ସାଙ୍କେତିକ ବାର୍ତାକୁ
ହୁଏ ମୋର ବୋଧଗମ୍ୟ ମା' ।

ତେଣୁ ଏ ମନ୍ଥନର ଯନ୍ତ୍ରଣା ମୋତେ ଭୋଗିବାକୁ ହେବ
ମୁଁ ଅନୁମାନ କରେ କିଛି କଠୋର ଭୟାଭୟ ପ୍ରଦର୍ଶନ
ମୁଁ ପୂର୍ବାନୁମାନ କରେ ଯାହା ବିସ୍ତାର ହେବ ଅବାଚଂନୀୟ ଅଟେ
କିନ୍ତୁ ତୁମେ କର ଏତେସବୁ ଷଡଯନ୍ତ୍ର ।

ତୁମେ ଦୃଢପ୍ରତିଜ୍ଞ ମୋତେ ଯନ୍ତ୍ରଣା ଦେବାକୁ
ଏବଂ ଯନ୍ତ୍ରଣା ହିଁ ମୋର କପାଳ ଲିଖନ
ମୁଁ ମୋର ଅଖଣ୍ଡତା ଉପରେ ଭରସା କରିବି କି ?
ମୁଁ ଜାଣେ କେବେ କେଉଁଦିନ ମୁଁ ମୋର
ଆଣିବି ଆୟତକୁ ମା' ।

ତୁମଠାରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ
ଆଉ ବା କ'ଣ ଅଧିକ କରିପାରେ ମୁଁ ?

# ଯନ୍ତ୍ରଣା ଅନାଥ ନୁହେଁ

ଅସହ୍ୟ ଯନ୍ତ୍ରଣା
ଅନତିକ୍ରମଣୀୟ ସୀମା ସରହଦ
କୁହାଯାଏ ପ୍ରତ୍ୟେକ ସୃଷ୍ଟିରେ
ତୁମେ ଅନୁଭବ କର ସ୍ରଷ୍ଟାର ବ୍ୟଥିତ ଯନ୍ତ୍ରଣା ।

ତେବେ କାହିଁକି ଏମିତି ହୁଏ
ଏତେ ଯନ୍ତ୍ରଣା ସତ୍ତ୍ୱେ
ନ ମିଳେ ସୃଷ୍ଟିର ସାନିଧ୍ୟ
ତା'ହେଲେ ଏହା ଏକ ସହାନୁଭୂତି ନୁହେଁ - ବ୍ୟଥିତ ଯନ୍ତ୍ରଣା
ଯାହା ଜାଗ୍ରତ କରେ ସୃଷ୍ଟିକୁ
କାରଣ ଦୁଃଖର ଅବକାଶରେ ମିଳେମାତ୍ର ଯନ୍ତ୍ରଣା ।

ସାଧାରଣତଃ ନକରାତ୍ମକ ଚିନ୍ତା
ଯାହା ଆବାହନ ଆମନ୍ତ୍ରଣ କରେ ସବୁ ଯନ୍ତ୍ରଣାକୁ
ଧ୍ୱଂସକରେ ଇନ୍ଦ୍ରୀୟର ଶକ୍ତିକୁ
ପଙ୍ଗୁକରେ ତୁମକୁ ।

ଯନ୍ତ୍ରଣା ବଂଶାନୁକ୍ରମିକ ନୁହେଁ
ଏହାର ସ୍ଥିତି, ସଚାଂର ଓ ତୀବ୍ରତା
ଭାବପ୍ରବଣତାର ବଂଶବର୍ତୀ
ତେଣୁ, ଯନ୍ତ୍ରଣା ଅନାଥ ନୁହେଁ ।

ଯନ୍ତ୍ରଣା ନୁହେଁ ନିଷ୍ଫଳା
ଏହା ହୋଇପାରେ ଫଳପ୍ରସୁ
ପୁଣି ହୋଇପାରେ ଧ୍ୱଂସୀ
ପୂର୍ବାନୁମାନ କରିବା ଏକ ଦୃଷ୍ଟତା ମାତ୍ର ।
କରୁଣା ବାସ୍ନାମୟ

ଏବଂ ଏହା ସ୍ପଷ୍ଟ ନିଃସନ୍ଦେହ
କରୁଣା ନୁହେଁ ନିଷ୍ଫଳା
ଏହା ଫଳପ୍ରଦ
ଏହା ଏକ ଦୃଢ ଘୋଷଣା
ଏହା ହିଁ ସ୍ରଷ୍ଟା ।

ବର୍ଣ୍ଣମାଳା ବର୍ଣ୍ଣିତ ଶବ୍ଦ
ଖୋଜେ ସୀମା ସରହଦ
ସାହିତ୍ୟ କୁ କରିବାପାଇଁ ମହିମାମଣ୍ଡିତ
ଓ ଜ୍ଞାନକୁ କରିବାପାଇଁ ପ୍ରମାଣଯୋଗ୍ୟ ।
ଅନୁରାଗ ରହିତ କାର୍ଯ୍ୟ
ଉନ୍ମୁକ୍ତ ଓ ଅବାଧ
ଏହା ସୁଦୂର ଦିଗ୍‌ବଳୟ ଉର୍ଦ୍ଧ୍ୱରେ
ଏହା ବିଦ୍ୟମାନ ଓ ସାର୍ବଜନୀନ
ଏବଂ ସାମୂହିକ ସନ୍ଧାନ ।

କରୁଣା ଏକ ସମୂହ ଏକତ୍ର ସମଷ୍ଟି
ସବୁ ସ୍ୱପ୍ନର
ଏବଂ ମୋ ଅଭିଜ୍ଞତାରେ
ଏହା ସୃଷ୍ଟିର ଆଦ୍ୟଧାରା ।
ଯନ୍ତ୍ରଣା ଯେତେବେଳେ ସହ୍ୟ
କରୁଣା ଶିଷ୍ଟ
ଯନ୍ତ୍ରଣା ଯେତେବେଳେ ଅସହ୍ୟ
କରୁଣା ତୃପ୍ତ
ଏବଂ ଯନ୍ତ୍ରଣା ଯେତେବେଳେ
ତୀବ୍ର ଭାବରେ ଅସହ୍ୟ
କରୁଣା ନିଏ କାର୍ଯ୍ୟର କଳେବର ।
ହଁ ବେଳେବେଳେ
ବ୍ୟଥିତ ଯନ୍ତ୍ରଣା ସାମର୍ଥ୍ୟ ହୁଏ
କରୁଣାକୁ ଶ୍ୱାସରୁଦ୍ଧ କରିବାକୁ
କାରଣ, କରୁଣା ସମବେଦନା
ସଂଘର୍ଷକୁ ଅନୁମୋଦନ କରେନା ।

# ନିରବଚ୍ଛିନ୍ନ ଦ୍ୱନ୍ଦ୍ୱ

ବିଶ୍ୱର ସର୍ବୋତରେ ଆଜି
ଲୋକେ ନବବର୍ଷର ଉତ୍ସାହରେ ମଜି
ମଣିଷକୁ ଦରକାର ଉତ୍ସବ
ପ୍ରଜ୍ଜ୍ୱଳିତ କରିବା ପାଇଁ ଜୀବନର ଶବ୍ଦ
ବାର୍ଷିକ ଉତ୍ସବ ଅଟେ ପ୍ରତିଫଳନ
ବାଧା ପାଲଟିଯାଏ ଚିନ୍ତାଧାରାର ଆମଗାମୀ
ଏବଂ ପ୍ରତ୍ୟେକ ବର୍ଷ
ଅପେକ୍ଷା ଏହି ଦିନପାଇଁ ଆକାଂକ୍ଷାର ସହ ।

ସତରେ କ'ଣ ପ୍ରତ୍ୟେକ ବର୍ଷ ନୂଆ ନୁହେଁ
ପ୍ରକୃତିର କାଟ ପାଖକୁ ସଜାଡି ହୁଏ
ଆଙ୍କିଦିଏ ଗୋଟିଏ ନୂଆ ଦିଗ
ଆମର ଶେଷକୁ
କ'ଣ ଆମେ ଆଗଉ ବାଧରେ
ଗୋଟିଏ ଶେଷସୀମା ରେଖାକୁ
ଛୁଇଁବା ଆମ ଲକ୍ଷ୍ୟ ?

ଯିଏ ବିଶ୍ୱାସ କରେ
ତାହା ମୃତ୍ୟୁ ମିଶାଇଦିଏ ତାକୁ
କିଏ ଖସି ଆସିଯାଏ ମୃତ୍ୟୁଯାଏ
ଏବଂ ବାଜି ଲଗାଇଥାଏ
ଯିଏ ନମାନେ ମୃତ୍ୟୁକୁ ..... ।

ହଁ, କିଛି ଆଶା ଆକାଂକ୍ଷା ମୃତ୍ୟୁର
ମିଳାଇଥାଏ ଆଲୋକରେ
କିଛି ଦେଇଥାଏ ଏହାକୁ
ଏଇଟି କାହାପାଇଁ ଆନନ୍ଦ ପ୍ରମୋଦକୁ ..... ।

ଏହା ଜାଗିବାର ଏକ ସହ
ଅଟେ ଏକ ମସ୍ତିଷ୍କର ଏକ ରୂପ ନା ସ୍ଥିତି
ତାହା ସମର୍ଥ କରିବା ଜଣକୁ
ଅଭିଜ୍ଞତା କ'ଣ କରେ
ଏବଂ କ'ଣ ନୁହେଁ .....।

ଆମର ପୂର୍ବାଧିଭୋଗ ସହିତ ଅର୍ଜନ
ଦୃଶ୍ୟମାନ ହେବା ଅଧିକାର ମଧରେ ମଧ
ତାହା ଯେତେବେଳେ ଆଶ୍ରୟସ୍ଥଳ ଅନୁରାଗର
ଏବଂ ପ୍ରାର୍ଥନା କରେ ଭଗବାନଙ୍କୁ ଯିଏ ମୋ ମା'।

ମୁଁ ଯୁକ୍ତିକରିବା ତାହା କ'ଣ ଗୁଣସମ୍ପର୍ଣ୍ଣ
ନଚେତ୍ ଯାହା କାରଣ ମୁଁ ଗୁଣବାନ
ଯଦି ମୁଁ ବଚିଂତହୁଏ ଆଲୋକ କୁ
ତା'ପରେ କ'ଣ ?

ତାହା ପରେ
ମୋର କେବଳ ଆଳ ତୁମ ପାଇଁ ..... ମା'
ପୂଜା ନ କରିବାକୁ ଧର୍ଯ୍ୟ
ତାହା କିଛିଦିନ
ବିଦ୍ୟମାନ ହେବା ଆକାଂକ୍ଷାକୁ ଦୂରକରିବା
କିଛିଦିନ
ଚାଲିଥାଏ କିଛି ସ୍ମୃତି ସଂଘର୍ଷ ବନ୍ଦ କରିବା
କିଛିଦିନ
ଜ୍ଞାନାଲୋକ ପ୍ରାପ୍ତି ଆୟୋତାଧିନ କରିବା।

# ସମର୍ପଣ ଓ ସମ୍ପୂର୍ଣ୍ଣତା

ପରିତୃପ୍ତି ଆସେ ଆମ ବିଚାରଧାରାରେ
ପ୍ରାଚ୍ୟ ଓ ପାଶ୍ଚାତ୍ୟ
ଧ୍ୱଂସ କରିଦେଇଛି ଆବେଗକୁ
ପ୍ରଯୁକ୍ତି ବିଜ୍ଞାନ
ତଥାପି ଆମେ ଅକ୍ଷମ
ବାନ୍ଧି ରଖିବାକୁ
ଅକ୍ଷମ ଆମେ ସ୍ୱୀକାର କରିବାକୁ
ପାଶ୍ଚାତ୍ୟର ଆଧିପତ୍ୟ
ଅକ୍ଷମ ଆମେ ବିସ୍ତୀର୍ଣ୍ଣ କରିବାକୁ
ଅନ୍ତର ର ଦିଗ୍‌ବଳୟକୁ ।

ସଂକୀର୍ଣ୍ଣତାରେ ବନ୍ଧା ଆମେ
ଆଶାନାହିଁ ପାଇବାର
ଇଚ୍ଛାନାହିଁ ଦେବାର
ସ୍ଥିର ଆମେ ଅସହିଷ୍ଣୁ
ଅକ୍ଷମ ଆମେ ଶୋଷିବାରେ
ସତେ କିମ୍ବା ବିଡମ୍ବନା ।

କଳ୍ପନା କରିହୁଏନା ପରିବେଷ୍ଟିନୀକୁ ଆମ
ଆମେ ପ୍ରକୃତିରୁ
ସ୍ୱାର୍ଥପର ମଣିଷ ସ୍ୱାର୍ଥରେ ସେ ବନ୍ଧା
ଅକ୍ଷମ ସେ ହେବାକୁ ସହାନୁଭୂତି
ଓ ସହନଶୀଳତା ।

ପ୍ରତି ମୁହୂର୍ତ୍ତରେ ନୂଆ କିଛି
ପାଇବାର ଆଶା
ଅଲଗା କିଛି କରିବାର ଇଚ୍ଛା
ପାଶ୍ଚାତ୍ୟର ଦର୍ଶନ ଏ
ସ୍ଥିର ଓ ନିଶ୍ଚିତ
ଦୃଷ୍ଟି ଫେଡିଲେ ଆସେ ସନ୍ତୋଷର ଚିନ୍ତନ ।

ଜୀବନର ମାନେ ନୁହେଁ ପାଇବାର
ଦେବାରେ ଖୁସି ଆମ
ତ୍ୟାଗରେ ଆନନ୍ଦ
ସତରେ ବି ଭିନ୍ନ ଏ ମଣିଷ
ତ୍ୟାଗ, ସମର୍ପଣ, ସହିଷ୍ଣୁତାରେ ଖୁସି
ପୂର୍ଣ୍ଣାଙ୍ଗତାର ମୂଳମନ୍ତ୍ର
ପ୍ରତିକୂଳେ ପ୍ରତିବନ୍ଧ ସାହାସୀ
ଯୋଦ୍ଧା ଆମେ ।

ଯଦି ନୁହେଁ
ବିଚ୍ଛୁରିତ ଶକ୍ତି ସଂରକ୍ଷଣ
ସେମାନେ ଧ୍ୱଂସର ପଥରେ
ଚିନ୍ତାର ଅନ୍ତଦୃଷ୍ଟି
କିନ୍ତୁ ଏହା ମୋର ଅସ୍ପୃଶ୍ୟତା
ଏହା ଗ୍ରହଣୀୟ
ଯଦି ତୁମର ନାହିଁ ଆଶା
କିନ୍ତୁ ନୁହେଁ ଗ୍ରହଣୀୟ
ଯଦି ଭାବ ନିଜେ ନିଜ ପାଇଁ ।

କେମିତି ଭାବିବ
ଜୀବନରେ ଯଦି ନାହିଁ ସମର୍ପଣ
କଥାରେ ଅଛି
ଯାହା ମୋର ତା' ମୋର
ତୁମଠାରେ ଅଛି ମୋର ଭାବ

ମାନେ ତା'ର କ'ଣ ?
ମନକହେ ଆଶାର ନାହିଁ ଅବସାନ
ଶବ୍ଦରେ ହୁଏ ତା' ମାନ ନିର୍ଦ୍ଧାରଣ
ଜ୍ଞାନଥିଲେ ଜୀବନ ମୂଲ୍ୟବାନ
ତାହା କରେ ସର୍ଭିଙ୍କଠୁ ଭିନ୍ନ
କେହି କାହାପାଇଁ ନାହିଁ ବଚିଂବାର
ତୁମେ ତୁମପାଇଁ ମୁଁ ମୋ ପାଇଁ
ଜୀବନ ହେବ ସୁନ୍ଦର
ଯଦି ମନ ମିଶିଯାଏ ପରସ୍ପର ।



## ପ୍ରଫେସର ଡକ୍ଟର ସୁବାଷ ନାୟକ

ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ଏକ ପରିଚିତ ବ୍ୟକ୍ତିତ୍ୱ । ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଥିବା ଜଣେ ଓଡ଼ିଆ ପ୍ରତିଭା । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ସେ କଲମ ଚାଳନା କରିଛନ୍ତି ।

ଗୁଜରାଟୀ ସାହିତ୍ୟିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାବ୍ୟାଞ୍ଜଳି ପୁସ୍ତକ 'ସାକ୍ଷୀ ଭବ'କୁ ପଦ୍ମଶ୍ରୀ ଭାବନା ସୋମାୟା ଇଂରାଜୀ ଭାଷାରେ 'ଲେଟର୍ ଟୁ ମଦର୍' ନାମରେ କରିଥିବା ଅନୁବାଦର ଆଧାରରେ ପ୍ରଫେସର ସୁବାଷ ନାୟକଙ୍କ ଓଡ଼ିଆ ଭାଷାନୁବାଦ 'ଦେବୀ ମା'ଙ୍କୁ ଚିଠି' ପ୍ରକାଶିତ । କବିତା ମାଧ୍ୟମରେ ଦେବୀ ମା'ଙ୍କ ପ୍ରତି ମୋଦୀଙ୍କ ଶ୍ରଦ୍ଧାଞ୍ଜଳି ହେଉଛି ବାସ୍ତବରେ ମାତୃଶକ୍ତିକୁ ଶ୍ରଦ୍ଧାଞ୍ଜଳି । ଭିନ୍ନଭାବେ କହିଲେ, ଭାରତୀୟ ଧର୍ମ ଓ ସଂସ୍କୃତି ପ୍ରତି ଏହି ଭାବୋଦ୍ଦୀପକ ପୁସ୍ତକ ସମର୍ପିତ ।

ଅନୁବାଦ ସାହିତ୍ୟ ପରିଷଦ
ANUBAD SAHITYA PARISAD TRUST
402, Ashirbad Appartment, Bomikhal
Bhubaneswar-751006

ISBN-978-93-92408-54-0

₹ 149